

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଟିମ୍‌ରେ ୱାଶିଂଟନ ସୁନ୍ଦରଙ୍କୁ ସାମିଲ କଲା ବିସିସିଆଇ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୨୬୨ ● ୨୧ ଅକ୍ଟୋବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-262 ● 21st October 2024, Monday ● Bhubaneswar | Licensed to post without pre-payment of postage No- BN-60/22-24

# ସ୍ପଷ୍ଟ ହେଲା ବାତ୍ୟା : ଓଡ଼ିଶାକୁ ସତର୍କ କରାଇଲେ ଆଇଏମଡ଼ି ଡିଜି

ଭୁବନେଶ୍ୱର, ୨୦।୧୦
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ବଳ ଗୋଟାଉଛି ସମ୍ଭାବ୍ୟ ବାତ୍ୟା। ଆସନ୍ତା ୨୩ ତାରିଖରେ ଲଘୁଚାପ ବାତ୍ୟାରେ ପରିଣତ ହେବ। ୨୪ ତାରିଖରେ ଏହା ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଛୁଇଁବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାରେ ୨୪ ଓ ୨୫ ତାରିଖରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ବାତ୍ୟା ଉପକୂଳ ଛୁଇଁଲା ବେଳେ ସମୁଦ୍ରରେ ପବନର ବେଗ ୧୦୦ରୁ ୧୨୦ କିମି ରହିବ । ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି।

ଆଇଏମଡି ଡିଜି କହିଛନ୍ତି, ଶନିବାର କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟଟି ଉତ୍ତର ଆଣ୍ଡାମାନ ସାଗର ନିକଟସ୍ଥ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି। ସୋମବାର ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୨ ତାରିଖରେ ଅବପାତରେ ପରିଣତ ହେବ। ୨୩ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ଘୂର୍ଣ୍ଣିବାତ୍ୟାରେ ପରିଣତ ହୋଇପାରେ । ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ୨୪ତାରିଖ ସକାଳେ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଛୁଇଁବ। ଉପକୂଳ ଛୁଇଁଲା ବେଳେ ସମୁଦ୍ରରେ ପବନର ବେଗ ୧୦୦ରୁ ୧୨୦ କିମି ରହିବ।

ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଆସନ୍ତା ୨୩ ତାରିଖରୁ ରାଜ୍ୟରେ ବର୍ଷା *(ପୃଷ୍ଠା ୭ରେ)*



## ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ : ମନ୍ତ୍ରୀ

ଭୁବନେଶ୍ୱର, ୨୦।୧୦ : ନ୍ୟୁଜ୍ ବ୍ୟୁରୋ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏପର୍ଯ୍ୟନ୍ତ ଅବପାତ ଅବସ୍ଥାରେ ଅଛି । ଗଭୀର ଅବପାତ ହୋଇନାହିଁ । ଆମେ ନିରନ୍ତର ପାଣିପାଗ ବିଭାଗ ଏବଂ ବିଶେଷଜ୍ଞମାନଙ୍କ ସହିତ ସମ୍ପର୍କରେ ଅଛୁ। ଅନେକ ସମୟରେ ଲଘୁଚାପ ଗତିପଥ ପରିବର୍ତ୍ତନ କରିଥାଏ। ଏଥର ମଧ୍ୟ କ'ଣ ତାହା ଆଗାମୀ ସମୟରେ ଜଣାପଡ଼ିବ। ବାତ୍ୟା ଓ ବର୍ଷା ନେଇ ସତର୍କ ରହିବାକୁ ଜିଲ୍ଲାପାଳମାନଙ୍କୁ ସୂଚନା ଦିଆଯାଇଛି। ବିଭାଗୀୟ ଅଧିକାରୀମାନଙ୍କ ସହିତ କଥା ହୋଇଛୁ । ମୁଖ୍ୟ ଶାସନ ସଚିବ ଏନେଇ ଅବଗତ ଅଛନ୍ତି । *(ପୃଷ୍ଠା ୭ରେ)*

## ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୨୦।୧୦ : ନ୍ୟୁଜ୍ ବ୍ୟୁରୋ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ପରିଣତ ହେବ ଓ ପରବର୍ତ୍ତୀ ସମୟରେ ଏହା ଏକ ଅବପାତରେ ପରିଣତ ହେବ, ଯାହାକି ବାତ୍ୟାର ରୂପ ନେଇପାରେ। ପରିସ୍ଥିତି ଉପରେ ରାଜ୍ୟ ସରକାର ତୀକ୍ଷଣ ନଜର ରଖିଛନ୍ତି । ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଂଜନ କୁମାର ସିଂ ରବିବାର ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି। ଏସ୍ଆରସି ଶ୍ରୀ ସିଂ କହିଛନ୍ତି ଓଡ଼ିଶା ଉପକୂଳରେ ବାତ୍ୟାର ସମ୍ଭାବନା ରହିଛି । ଯେଉଁ ମତ୍ସ୍ୟଜୀବୀମାନେ *(ପୃଷ୍ଠା ୭ରେ)*

# କଳାବଜାରୀଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଚେତାବନୀ

ଭୁବନେଶ୍ୱର, ୨୦।୧୦
ନ୍ୟୁଜ୍ ବ୍ୟୁରୋ

କଳାବଜାରୀଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଚେତାବନୀ। ସମ୍ଭାବ୍ୟ ବାତ୍ୟାକୁ ଦେଖି ତାଗିଦ କରିଛନ୍ତି ମନ୍ତ୍ରୀ। ଅସାଧୁ ବ୍ୟବସାୟୀ କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଖାଦ୍ୟ ସାମଗ୍ରୀ ମହଜୁଦ ସ୍ଥାନ ଉପରେ ନଜର ରଖିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଯୋଗାଣ ମନ୍ତ୍ରୀ। ଆସନ୍ନ ବାତ୍ୟା ପାଇଁ ଯେପରି କଳାବଜାରୀ ନହୁଏ, ସେଥିପାଇଁ ନଜର ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ୨୦୨୪-୨୫ ବର୍ଷ ପାଇଁ କଟକ ଜିଲ୍ଲାରେ ଧାନ କ୍ରୟ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ କଟକ ଜିଲ୍ଲାର ସମସ୍ତ ବିଧାୟକ ଯୋଗଦେଇଥିଲେ। ଚଳିତ ଖରିଫ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ ଶହ ଟଙ୍କା ଲେଖାଏଁ ଚାଷୀମାନଙ୍କୁ ପ୍ରଦାନ କରାଯିବ। ତା'ପୂର୍ବରୁ ଯୋଗାଣ ମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ଧାନ ଉଠିବାର ୪୮ ଘଣ୍ଟା



ମଧ୍ୟରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ସେହି ସମୟରେ ଅସାଧୁ ବେପାରୀଙ୍କୁ କିଛି ଅଫିସର ଦୁର୍ନୀତି କରିବାକୁ ସୁଯୋଗ ଦେଉଛନ୍ତି । ତେବେ ଅଫିସରମାନେ ସଜାଗ ରୁହନ୍ତୁ, ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଧାନ କ୍ରୟ ବେଳେ କଟନି ଛଟନି କରାଯିବ ନାହିଁ। ଏଫ୍ଏକ୍ୟୁ ମାନର ଧାନ ଯାଞ୍ଚ ପାଇଁ କ୍ୱାଲିଟି ଗ୍ରେନ ଆନାଲାଇଜର ମେସିନ ବ୍ୟବହାର କରାଯିବ। ଏହାସହ ମଣ୍ଡିରେ ସିସିଟିଭି ଓ ଗାଡିରେ ଜିପିଏସ୍ *(ପୃଷ୍ଠା ୭ରେ)*

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟବୀମାରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ସରକାରଙ୍କ ନିଷ୍ପତ୍ତି



ନୂଆଦିଲ୍ଲୀ, ୨୦।୧୦

ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ସମ୍ପୂର୍ଣ୍ଣ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ମନ୍ତ୍ରୀସ୍ତରୀୟ କମିଟି ସୁପାରିଶ କରିଛି। ଜିଏସ୍‌ଟି ପରିଷଦକୁ ସୁପାରିଶ କରାଯାଇଥିବା ନିଷ୍ପତ୍ତି ଅନୁସାରେ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଏବଂ ବରିଷ୍ଠ ନାଗରିମାନଙ୍କ ସ୍ୱାସ୍ଥ୍ୟବୀମା ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରାଯାଇଛି । ହେଲେ, ୫ ଲକ୍ଷରୁ ଅଧିକ ଟଙ୍କାର ସ୍ୱାସ୍ଥ୍ୟବୀମା ଉପରେ ୧୮ ପ୍ରତିଶତ ଜିଏସ୍‌ଟି ପୂର୍ବଭଳି ଲାଗୁ ରହିବ। ଏହାବ୍ୟତୀତ ୨୦ ଲିଟର ପାଣିବୋତଲ, ସାଇକେଲ ଏବଂ ନୋଟ୍‌ବୁକ ଉପରେ ଜିଏସ୍‌ଟି ୫ ପ୍ରତିଶତକୁ ହ୍ରାସ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ସକାଳ





ସତର୍କ ରହିଥାଅ ହେ ଜନେ
ଆସୁଅଛି ବର୍ଷା ଝଡ
ସଫାସୁତୁରା ଖବର ମିଳୁନି
ଛୋଟ ହେବକି ବଡ
ସବୁ ବର୍ଷ ପରି ଲଢ
ବାତ୍ୟାତ ଆମର ପରିବାର ଲୋକ
ବାକି ବୁଝୁଥିବ...ଛାଡ !!

# ଦୀପାବଳି ପୂର୍ବରୁ ଶସ୍ତା ହେବ ପିଆଜ: ମୋଦି ସରକାରଙ୍କ ଯୋଜନା

ନୂଆଦିଲ୍ଲୀ, ୨୦।୧୦

ଦେଶରେ ବଢୁଥିବା ପିଆଜ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଏବଂ ବଜାରରେ ପିଆଜର ଉପଲବ୍ଧତା ବଜାୟ ରଖିବା ପାଇଁ ଖାଉଟି ମନ୍ତ୍ରଣାଳୟ ବର୍ତ୍ତମାନ ପିଆଜର ଅଧିକ ଚାହିଦା ଥିବା ସହରଗୁଡିକ ପାଇଁ କାନ୍ଦା ଏକ୍ସପ୍ରେସ ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି।

ପିଆଜର ବଢୁଥିବା ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ପ୍ରଥମ ଥର ପାଇଁ ମହାରାଷ୍ଟ୍ରରୁ ଦିଲ୍ଲୀକୁ ରେଳପଥ ଦେଇ ୧୬୦୦ ଟନ ପିଆଜ ପରିବହନ କରିବେ। ଏହା ଦ୍ୱାରା ଦୀପାବଳି ପୂର୍ବରୁ ପିଆଜ ଦର ଶସ୍ତା ହେବାର ଆଶା ରହିଛି । ପିଆଜ ପରିବହନ ପାଇଁ ରେଳର ବ୍ୟବହାର କରିବା



କାର୍ଯ୍ୟ ପ୍ରଥମ ଥର ଲାଗି ହେବାକୁ ଯାଉଛି।

ଏହି ପ୍ରସଙ୍ଗରେ ଖାଉଟି ମନ୍ତ୍ରଣାଳୟ କହିଛନ୍ତି ଯେ ପିଆଜ ଦର ବୃଦ୍ଧି ହେବାର କାରଣ ହେଉଛି ହୋର୍ଡିଂ ବ୍ୟବସାୟୀ ଯେଉଁମାନେ ଜାଣିଶୁଣି ବଜାରକୁ ପିଆଜ ଆଣୁ ନାହାନ୍ତି। କିନ୍ତୁ *(ପୃଷ୍ଠା ୭ରେ)*

### ପ୍ରଧାନ ବିଚାରପତିଙ୍କ ଚେତାବନୀ

# କୋର୍ଟରେ ମହିଳାଙ୍କ ପ୍ରତି ଅପମାନଜନକ ଭାଷାର ସ୍ଥାନ ନାହିଁ

ନୂଆଦିଲ୍ଲୀ, ୨୦।୧୦

ନ୍ୟାୟପାଳିକାର ପବିତ୍ରତା ଓ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏକ ଜରୁରୀ ମନ୍ତବ୍ୟ ଦେଇ କହିଛନ୍ତି ଯେ ସମସ୍ତ ପ୍ରକାର ଅପମାନଜନକ ଭାଷା, ବିଶେଷକରି ମହିଳାମାନଙ୍କ ପ୍ରତି, କୋର୍ଟ ରୁମରେ ବ୍ୟବହାର ହେବା ଉଚିତ ନୁହେଁ।

ପ୍ରଶାସନିକ ପ୍ରତିଷ୍ଠାନର କିଛି ସଦସ୍ୟଙ୍କ ଦ୍ୱାରା ଏଭଳି ଭାଷା ବ୍ୟବହାରକୁ ନେଇ ମହିଳା ନ୍ୟାୟିକ ଅଧିକାରୀଙ୍କ ଦ୍ୱାରା ଦାଖଲ



କରାଯାଇଥିବା ଅନେକ ଅଭିଯୋଗ ଉପରେ ପ୍ରଧାନ ବିଚାରପତି ଏହା କହିଛନ୍ତି । ଗଣତାନ୍ତ୍ରିକ ନ୍ୟାୟ ପାଇବା ସୁନିଶ୍ଚିତ କରିବା ପାଇଁ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ଯେତେବେଳେ ଆମେ ଆମ କୋର୍ଟ ରୁମ୍ ଭିତରେ ଅନ୍ତର୍ଭୁକ୍ତୀକରଣ ପାଇଁ ପ୍ରୟାସ କରୁଛୁ, ଆମେ ଯେଉଁ ଭାଷା ବ୍ୟବହାର କରୁଛୁ ତାହା ଆମର ଆଦର୍ଶକୁ ପ୍ରତିଫଳିତ କରିବା ଉଚିତ୍ । ଆମ ଭାଷା ଯେପରି କେବଳ ସଠିକ ନୁହେଁ ବରଂ ସମ୍ମାନଜନକ ହେବ। ତାହା ସୁନିଶ୍ଚିତ କରିବା *(ପୃଷ୍ଠା ୭ରେ)*

# ପୁଣି ଭାରତୀୟ ବିମାନକୁ ବୋମା ଧମକ ଜର୍ମାନୀରେ ଜରୁରୀ ଅବତରଣ

ନୂଆଦିଲ୍ଲୀ, ୨୦।୧୦

ଭାରତୀୟ ବିମାନକୁ ପୁଣି ମିଳିଛି ବୋମା ଧମକ। ଗୋଟିଏ ଦିନରେ ୩୨ଟି ବିମାନକୁ ବୋମା ଧମକ ମିଳିଥିବା ସୂଚନା ମିଳିଛି। ଏହାପରେ ଗୋଟିଏ ବିମାନର ଦିଗ ପରିବର୍ତ୍ତନ କରାଯାଇ ଜରୁରୀ ଅବତରଣ କରାଯାଇଛି। ଅନ୍ୟ ସମସ୍ତ ବିମାନଗୁଡିକୁ ଗନ୍ତବ୍ୟସ୍ଥଳରେ ଅବତରଣ କରାଯିବା ପରେ ଯାଞ୍ଚ କରାଯାଇଛି ।

ସୂଚନା ଅନୁସାରେ, ଭାରତର ୩୨ଟି ବିମାନକୁ ବୋମା ଧମକ ମିଳିଛି । ଫଳରେ ଦିଲ୍ଲୀରୁ ଲଣ୍ଡନ ଅଭିମୁଖେ ଯାଉଥିବା -୧୭ ଭିସ୍ତାରା ବିମାନକୁ ଜର୍ମାନୀର ଫ୍ରାଙ୍କଫର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବତରଣ ପରେ ଯାଞ୍ଚ କରାଯାଇଛି । ଏହାପରେ ଲଣ୍ଡନକୁ ଉଡାଣ ଭରିଛି ବିମାନ।

ସେହିପରି ଅନ୍ୟ ସମସ୍ତ ବିମାନର କୌଣସି ଦିଗ ପରିବର୍ତ୍ତନ କରାଯାଇ ନାହିଁ । ସମସ୍ତ ବିମାନ ଗନ୍ତବ୍ୟସ୍ଥଳରେ ଅବତରଣ କରିଛନ୍ତି । ଏହାପରେ ଯାଞ୍ଚ କରାଯାଇଛି । ଯାଞ୍ଚ ପରେ ସେପରି କୌଣସି ବୋମା ସାମଗ୍ରୀ ମିଳିନାହିଁ । କେହି ଜାଣିଶୁଣି ମିଛ ଧମକ ଦେଇଥିବା ଜଣାପଡ଼ିଛି। ଲଗାତାର ଭାବେ ଏପରି ଘଟଣା *(ପୃଷ୍ଠା ୭ରେ)*



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ପୁରୀରେ ହବିଷ୍ୟାଳୀମାନଙ୍କୁ ଭେଟୁଛନ୍ତି (ଫଟୋ-ସମ୍ବାଦ କଳିକା)


## ବସ୍-ଟେମ୍ପୋ ଧକ୍କାରେ ୮ ଶିଶୁଙ୍କ ସମେତ ୧୧ ମୃତ

ଜୟପୁର, ୨୦।୧୦

ରାଜସ୍ଥାନର ଧୋଲପୁରରୁ ଏକ ହୃଦୟ ବିଦାରକ ଖବର ଆସିଛି। ଏଠାରେ କରେଲି-ଧୋଲପୁରର ଏନଏଚ-୧୧ବିର ସୁନିପୁର ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ସ୍ଲିପର କୋଚ ବସ ଏବଂ ଟେମ୍ପୋ ମଧ୍ୟରେ ଧକ୍କା ଘଟିଛି । ସମସ୍ତ ମୃତକଙ୍କ ମୃତଦେହ ବାଡି ଡାକ୍ତରଖାନାର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି।

ମାମଲା ବାଡି ସଦର ପୁଲିସ ଷ୍ଟେସନ ଅଞ୍ଚଳର ଟେମ୍ପୋ ଆରୋହୀ ବାଡି ସହରର ଗୁମାତ ମୋହଲାର ବାସିନ୍ଦା । ବାରୁଲି ଗାଁରେ ଏକ କାର୍ଯ୍ୟକ୍ରମରେ *(ପୃଷ୍ଠା ୭ରେ)*

# ପରମାଣୁ ବୋମା ଟେଷ୍ଟିଂରେ ବ୍ୟବହାର ହୁଏ ଲକ୍ଷ ଲକ୍ଷ ଟନ ଆଳୁ-ପିଆଜ



ନୂଆଦିଲ୍ଲୀ, ୨୦।୧୦

ଦୁନିଆରେ କେବଳ ୯ଟି ଦେଶ ଅଛି ଯେଉଁମାନଙ୍କ ପାଖରେ ପରମାଣୁ ବୋମା ଅଛି। ଭାରତ ଏହି ଶକ୍ତିଶାଳୀ ଦେଶ ମଧ୍ୟରୁ ଗୋଟିଏ। ଆପଣ ପରମାଣୁ ବୋମା ଓ ଏହାର ପରୀକ୍ଷଣକୁ ବହୁ ରୋଚକ କଥା ଶୁଣିଥିବେ। କିନ୍ତୁ ପରମାଣୁ ବୋମା ଟେଷ୍ଟିଂରେ କେବେ ପିଆଜ-ଆଳୁ ବ୍ୟବହାର ହୁଏ ଜାଣନ୍ତି କି ? ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ।

ଭାରତ ପୋଖରାନରେ ଯେଉଁ ପରମାଣୁ ପରୀକ୍ଷଣ କରିଛି, ସେଥିରେ ଦାବି କରାଯାଇଛି ଯେ, ଟନ ଟନ ଆଳୁ ଓ ପିଆଜ ବ୍ୟବହାର କରାଯାଇଛି। ସେହିପରି ଭାରତକୁ ଅନୁସରଣ କରି ବହୁଦେଶ ସେମାନଙ୍କର ପରମାଣୁ ବୋମା ପରୀକ୍ଷଣରେ ପିଆଜ ଓ ଟମାଟୋକୁ ବ୍ୟବହାର କରିଛନ୍ତି। ତେବେ ଆପଣ ଆଶ୍ଚର୍ଯ୍ୟ ହେଉଥିବେ କି, ବୋମା ପରୀକ୍ଷଣରେ ଆଳୁ-ପିଆଜ କାହିଁକି ବ୍ୟବହାର କରାଯାଉଛି।

ପରମାଣୁ ବୋମା ପରୀକ୍ଷଣରେ ବିକିରଣ ମାତ୍ରାକୁ କମ କରିବା ପାଇଁ ପିଆଜର ବ୍ୟବହାର କରାଯାଏ। କାରଣ ପରମାଣୁ ବିସ୍ଫୋରଣରେ ଆଲଫା, ବିଟା ଓ ଗାମା ଇତ୍ୟାଦି କିରଣ ବାହାରିଥାଏ। ପିଆଜ ପାଖରେ ଏହି ବିକିରଣକୁ ଅବଶୋଷିତ କରିବାର କ୍ଷମତା ରହିଛି । ଏଥିପାଇଁ ପରମାଣୁ ପରୀକ୍ଷଣ ସ୍ଥାନରେ ଲକ୍ଷ ଲକ୍ଷ ଟନ ପିଆଜ ପୋତା ଯାଇଥାଏ। ପରମାଣୁରୁ ବିକିରଣ ହେଉଥିବା ଆଲୋକକୁ ନିୟନ୍ତ୍ରଣ କରିବା ଜରୁରୀ। କାରଣ ଯଦି ବିକିରଣ ମଣିଷ ସଂସ୍ପର୍ଶରେ ଆସେ, ତୁରନ୍ତ ରକ୍ତ ଟିସୁ ନଷ୍ଟ ହୋଇପାରେ।

ପିଆଜରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଜେନୋଟକ୍ସି *(ପୃଷ୍ଠା ୭ରେ)*

# ୟୁସିସି ବିଜ୍ଞପ୍ତିର ୩୦ ଦିନ ମଧ୍ୟରେ ଲିଭ୍-ଇନ ପଞ୍ଜିକରଣ ଜରୁରୀ

ଡେରାଡୁନ, ୨୦।୧୦

ୟୁନିଫର୍ମ ସିଭିଲ କୋଡ ନିୟମ ବିଷୟରେ ବିଜ୍ଞପ୍ତି ପ୍ରକାଶ ହେବାର ୩୦ ଦିନ ମଧ୍ୟରେ ଉତ୍ତରାଖଣ୍ଡରେ ସମସ୍ତ ଲିଭ୍-ଇନ ସମ୍ପର୍କର ପଞ୍ଜିକରଣ ବାଧ୍ୟତାମୂଳକ ହେବ। ଏହି ନିୟମ ଉପରେ ନଅ ସଦସ୍ୟ ବିଶିଷ୍ଟ ୟୁସିସି ପ୍ୟାନେଲ ରାଜ୍ୟ ସରକାରଙ୍କ ପାଖରେ ରିପୋର୍ଟ ଦାଖଲ କରିଛନ୍ତି । ପ୍ୟାନେଲ ପ୍ରସ୍ତାବ ଦେଇଛନ୍ତି ଯେ ସମସ୍ତ ଲିଭ-ଇନ ସମ୍ପର୍କ ୟୁସିସି ବିଜ୍ଞପ୍ତିର ଏକ ମାସ ମଧ୍ୟରେ ପଞ୍ଜୀକୃତ ହେବା ଉଚିତ୍ । ଯଦି ଏହା କରା ନ ଯାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନଲାଇନରେ ଲିଭ-ଇନ ପଞ୍ଜିକରଣ କରାଯାଇ ପାରିବ। ଲିଭ୍-ଇନ ଏବଂ ସରକାରୀ ଯାଞ୍ଚ ପାଇଁ ୟୁସିସି ବ୍ୟବସ୍ଥା ଅନୁଯାୟୀ ଦମ୍ପତିଙ୍କୁ ପଞ୍ଜିକରଣ କରିବା ଚଳିତ ବର୍ଷ ଲୋକସଭା ନିର୍ବାଚନ ପୂର୍ବରୁ




ଯୁବବର୍ଗମାନଙ୍କ ମଧ୍ୟରେ ଚର୍ଚ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା। ପୂର୍ବତନ ମୁଖ୍ୟ ଶାସନ ସଚିବ ଶତ୍ରୁଘ୍ନ ସିଂଙ୍କ ନେତୃତ୍ୱରେ ଏକ ନଅ ସଦସ୍ୟ ବିଶିଷ୍ଟ ପ୍ୟାନେଲ ଦ୍ୱାରା ଏହା ପ୍ରସ୍ତୁତ କରାଯାଇଛି।

ଯଦି ଲିଭ୍-ଇନ ସମ୍ପର୍କରେ ରହୁଥିବା ଲୋକମାନଙ୍କ ମଧ୍ୟରୁ ଜଣେ ୨୧ ବର୍ଷରୁ କମ୍, ତେବେ ତାଙ୍କ ପିତାମାତା ଏବଂ ଅଭିଭାବକମାନେ ରେଜିଷ୍ଟ୍ରାରଙ୍କ ଦ୍ୱାରା ସୂଚନା ପାଇବେ । ୟୁନିଫର୍ମ ସିଭିଲ କୋଡ ଲିଭ୍-ଇନ ସମ୍ପର୍କରେ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଅକ୍ଟୋବର ୨୦୨୪ ସୋମବାର





### ଧାନ ଲୋଡିଂ, ଅନ୍‌ଲୋଡିଂରେ ଆଉ ହେବନି ବିଳମ୍ବ

# ନଭେମ୍ବର ୧୫ରୁ ସବୁ ଟ୍ରକ୍‌ରେ ଲାଗିବ ଟ୍ରାକିଂ ଡିଭାଇସ୍

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଚଳିତବର୍ଷ ୮୬ ଲକ୍ଷ ଟନ୍ ଧାନକିଣା ପାଇଁ ଲକ୍ଷ୍ୟ ରହିଛି। ଧାନକିଣା ପ୍ରକ୍ରିୟାରେ ପରିବହନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ମଣ୍ଡିରେ ଧାନ ଲୋଡିଂ ସହିତ ମିଲ୍‌ରେ ଅନ୍‌ଲୋଡିଂରେ ହେଉଥିବା ବିଳମ୍ବ ଧରିବାକୁ ବ୍ୟବହାର ହେବ ଭେହିକିଲ୍ ଲୋକେସନ୍ ଟ୍ରାକିଂ ଡିଭାଇସ୍। ଏହି ମେସିନ୍ ସବୁ ଟ୍ରକ୍‌ରେ ଲାଗିବ। ଟ୍ରକ୍ କେଉଁ ସମୟରେ କେଉଁଠୁ ବାହାରିଲା, କେତେ ସମୟ କେଉଁଠି ଅଟକିଲା ଏବଂ କେତେ ବେଗରେ ଚଳାଚଳ କରୁଛି, ସେ ସଂପର୍କରେ ସବୁ ତଥ୍ୟ ଉକ୍ତ ଯନ୍ତ୍ରାଂଶରେ ରେକର୍ଡ ହୋଇଯିବ। ଫଳରେ କେଉଁଠି ବିଳମ୍ବ ହେଉଛି, ତାହା ସହଜରେ ଧରାପଡ଼ିଯିବ। ଆସନ୍ତା ନଭେମ୍ବର ୧୫ ସୁଦ୍ଧା ପ୍ରତି ଟ୍ରକ୍ ମାଲିକ ଟ୍ରକ୍‌ରେ ଏହି ଯନ୍ତ୍ରାଂଶ ଲଗାଇବାକୁ ଯାଉଛନ୍ତି।



ଧାନକିଣା ପ୍ରକ୍ରିୟାରେ ପରିବହନ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ଦିଗରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ, ଟ୍ରକ୍ ମାଲିକ ସଂଘ ଏବଂ ପରିବହନ ଠିକାଦାରମାନଙ୍କ ସହିତ କଟକସ୍ଥିତ ପରିବହନ କମିସନରଙ୍କ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ନଭେମ୍ବର ଶେଷ ଭାଗରେ ରାଜ୍ୟରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ପରିବହନ ଠିକାଦାର ଓ ଟ୍ରକ ମାଲିକ ଯେଭଳି ବ୍ୟବସ୍ଥିତ ଢଙ୍ଗରେ ଧାନ ପରିବହନ କରିପାରିବେ, ସେ ଦିଗରେ ପରିବହନ ଆୟୁକ୍ତ ଶ୍ରୀ ଠାକୁର ବୈଠକରେ ପ୍ରସ୍ତାବ ରଖିଥିଲେ। ଧାନ ପରିବହନ ପାଇଁ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଟେଣ୍ଡର ଜାରି କରିବ। ଏହି ପ୍ରକ୍ରିୟାରେ ଯେପରି ଅଧିକରୁ ଅଧିକ ଟ୍ରକ୍ ମାଲିକ ସାମିଲ ହୋଇପାରିବେ, ସେ ସମ୍ପର୍କରେ ଆଗୁଆ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏହାଛଡ଼ା ଧାନ ପରିବହନରେ ଟ୍ରକ୍ ମାଲିକମାନେ ସାମନା କରୁଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ମୁଖ୍ୟ ପରିଚାଳକ ସୁଧାକର ସାହୁ ଟେଣ୍ଡରର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଧାନକିଣାରେ କଟ୍‌ନି ଛଟ୍‌ନି ବାଦ୍ ଦେବାକୁ ମିଲରଙ୍କ ପ୍ରତିନିଧି ମଣ୍ଡିରେ ରହିବେ। ଧାନ ଲୋଡିଂ କରାଇବା ସହିତ ଟ୍ରକ୍ ଡାଲାରେ ଯେପରି ପାଲ ପଡ଼ିବ ଏବଂ ଲୋଡିଂ ପରେ ସିଲ୍ ହେବ, ତାକୁ ସୁନିଶ୍ଚିତ କରିବେ ବୋଲି ପରିବହନ ଆୟୁକ୍ତ ଶ୍ରୀ ଠାକୁର ପ୍ରସ୍ତାବ ଦେଇଥିଲେ। ଟ୍ରକ୍‌ରେ ଭେହିକିଲ୍ ଲୋକେସନ୍ ଟ୍ରାକିଂ ଡିଭାଇସ୍ ଲଗାଇଲେ ଅନ୍‌ଲୋଡିଂରେ ହେଉଥିବା ବିଳମ୍ବର ସମାଧାନ ହୋଇପାରିବ। ଇଏମ୍‌ଡି ଅନୁପାତ ତିନି ପ୍ରତିଶତ କରିବା, ଯୋଗ୍ୟତା ପାଇଁ ପରିବହନ ଅଭିଜ୍ଞତା କମ ରଖିବା ଆଦି ଟେଣ୍ଡର ଧାରାକୁ କୋହଳ କିମ୍ବା ସଂଶୋଧନ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମକୁ ଶ୍ରୀ ଠାକୁର ପ୍ରସ୍ତାବ ଦେଇଛନ୍ତି। ବୈଠକରେ ସମସ୍ତ ବରିଷ୍ଠ ଅଧିକାରୀ, ଓଡ଼ିଶା ଟ୍ରକ୍ ମାଲିକ ଫେଡେରେସନ୍‌ର ସାଧାରଣ ସମ୍ପାଦକ ରବି ଶତପଥୀ, ଓଡ଼ିଶା ଟ୍ରକ୍ ମାଲିକ ସଂଘ ସଭାପତି ଶରତ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ପରିବହନ ଠିକାଦାର ବୈଠକରେ ଉପସ୍ଥିତ ଥିଲେ ବୋଲି ପରିବହନ ବିଭାଗର ଯୁଗ୍ମ ପରିବହନ କମିସନର (ସଡ଼କ ସୁରକ୍ଷା) ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ୪୮ ଲକ୍ଷରେ ବିକ୍ରି ହେଲା ତିନି ରଥର ୪୨ ଚକ



**ପୁରୀ, ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ରଥ ଚକ ଚଳିତବର୍ଷ ରେକର୍ଡ ଟଙ୍କାରେ ବିକ୍ରି ହୋଇଛି। ତିନିରଥର ୪୨ଟି ଚକ ୪୮ଲକ୍ଷ ୨ହଜାର ଟଙ୍କାରେ ବିକ୍ରି ହୋଇଛି। ଯାହା ସର୍ବକାଳୀନ ରେକର୍ଡ। ୨୦୧୪ ମସିହାରେ ଡ.ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ସମୟରେ ରଥ ଚକ ଓ ଅନ୍ୟାନ୍ୟ ଅଂଶ ବିକ୍ରି ପ୍ରକ୍ରିୟା ଆରମ୍ଭ କରିଥିଲେ। ଏବେ ସେ ମୁଖ୍ୟ ପ୍ରଶାସକ ଥିବା ସମୟରେ ରେକର୍ଡ ଟଙ୍କାରେ ଚକା ବିକ୍ରି ହେବା ଏକ ବିରଳ ସଂଯୋଗ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ରଥ ଚକ ଓ ଅନ୍ୟାନ୍ୟ ଅଂଶ ବିକ୍ରି ପ୍ରକ୍ରିୟା ନ ଥିଲା। ରଥଯାତ୍ରା ଶେଷ ପରେ ରଥର ଚକ, ଅଖ ସହ ଅନ୍ୟାନ୍ୟ ଅଂଶ ରୋଷଘରକୁ ମହାପ୍ରସାଦ ରୋଷେଇ ପାଇଁ ଯାଉଥିଲା। କିନ୍ତୁ ଶ୍ରୀମନ୍ଦିର ରାଜସ୍ୱ ବୃଦ୍ଧି ସହ ଭକ୍ତଙ୍କ ଚକ ଓ ଅନ୍ୟାନ୍ୟ ଅଂଶ କ୍ରୟ କରିବାର ଆଗ୍ରହ ଦେଖି ୨୦୧୪ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଏହାର ବିକ୍ରି ପ୍ରକ୍ରିୟା ଆରମ୍ଭ କରିଥିଲେ। ସେବେଠୁ ତିନିରଥର ଚକ, ଗୁଜ, ଅସୁଆରି, ପ୍ରଭା ବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ଭକ୍ତ ତଥା ବିଭିନ୍ନ ଧାର୍ମିକ ଅନୁଷ୍ଠାନ କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ କିଣିଥିଲେ। ଏଣୁ ଅନ୍ୟ ରଥର ଚକ ଓ ଅନ୍ୟାନ୍ୟ ଅଂଶ ନଷ୍ଟ ହେଉଥିଲା। ଚଳିତବର୍ଷ ପୁଣିଥରେ ଚକ ଓ ଅନ୍ୟାନ୍ୟ ଅଂଶ ବିକ୍ରି ପାଇଁ ଏସ୍‌ଓପି ଜାରି କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ପିଛା ଦର ୧ଲକ୍ଷ ଟଙ୍କା, ଶ୍ରୀବଳଭଦ୍ରଙ୍କ ରଥର ଚକ ପିଛା ୬୦ହଜାର ଟଙ୍କା ଓ ଦେବୀ ସୁଭଦ୍ରାଙ୍କ ରଥର ଚକ ପିଛା ଦର ୫୦ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା। ସେହିଭଳି ପ୍ରତି ରଥର ଗୁଜ ଓ ଅସୁଆରି ପିଛା ୧୦ହଜାର ଟଙ୍କା ଓ ପ୍ରଭା ପିଛା ୨୫ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା। ଯଦି କେହି ତିନିଟି ଚକ ଏକକାଳୀନ ନେବେ, ସେମାନଙ୍କ ପାଇଁ ରିହାତି ଦର ୨ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା। ଚକ ଓ ଅନ୍ୟାନ୍ୟ ଅଂଶ କ୍ରୟ ପାଇଁ ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୧୫ ତାରିଖ ଧାର୍ଯ୍ୟ ହୋଇଥିଲା। ପ୍ରଥମରୁ ଯେଉଁ ଯୋଗ୍ୟ ଆବେଦନକାରୀମାନେ ଥିଲେ, ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚକ ବିକ୍ରି କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ସୂଚନା ମୁତାବକ, ଚଳିତବର୍ଷ ୨୧ଜଣ ତିନିରଥର ୪୨ଟି ଚକ କ୍ରୟ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କହିଛି, ଆମ ପାଖରେ ପୂର୍ବବର୍ଷର ୪ଟି ରଥ ଚକ ରହିଛି। ଏମିତି ଆବେଦନକାରୀ ଅଛନ୍ତି, ଯେଉଁମାନେ ଚକ ପାଇପାରିନାହାନ୍ତି। ସେମାନଙ୍କୁ ଏହି ଚକ ପ୍ରଦାନ କରାଯିବ। ଏଥିପାଇଁ ୫୧ହଜାର ଟଙ୍କା ଚକ ପିଛା ଦର ଧାର୍ଯ୍ୟ ହୋଇଛି।

## ୯ଟି ପଞ୍ଚାୟତ ପାଣି ଘେରରେ : ଦେଶୀ ଡଙ୍ଗା ଉପରେ ମତ୍ସ୍ୟଜୀବୀଙ୍କ ଭରସା



**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୯ଟି ପଞ୍ଚାୟତ ପାଣି ଘେରରେ ରହିଛି। ଏମାନେ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଥିଲେ। ଏମାନଙ୍କ ପାଖକୁ ପ୍ରଶାସନ ପହଞ୍ଚିବାକୁ ଚେଷ୍ଟା କରିଥିଲେ ମଧ୍ୟ କେତେକାଂଶରେ ସଫଳ ହୋଇଥିବା ବେଳେ ବିଫଳତା ସବୁଠାରୁ ଅଧିକା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଇତ୍ୟାଦିରେ ଏମାନେ ବହୁ ପଛରେ। ତେବେ ବାଲିମେଳା ଜଳଭଣ୍ଡାର ହେବା ପର ଠାରୁ ଏମାନେ ସରକାରୀ ଯୋଜନା କଣ ଜାଣିପାରିନଥିଲେ। ଏହାର ଫାଇଦା ନେଇଥିଲେ ନକ୍ସଲ। ୧୫୨ଟି ଗ୍ରାମର ଜଳ ଘେରରେ ରହିଥିବା ବେଳେ ଏମାନେ ପ୍ରାୟତଃ ଆନ୍ଧ୍ର ଉପରେ ହିଁ ନିର୍ଭର କରୁଛନ୍ତି। ବିଶାଳ ଜଳଭଣ୍ଡାରକୁ ପାର କରିବାକୁ ପ୍ରଶାସନ ତରଫରୁ ଯେଉଁସବୁ ବ୍ୟବସ୍ଥା କରାଯାଇଛି ତାହା ଏମାନଙ୍କ ପାଇଁ ଏବେ ବି ସ୍ୱପ୍ନ। ତେଣୁ ଏମାନେ ନିଜର ପାରଂପାରିକ କୌଶଳରେ ଦେଶୀ ଡଂଗା ତିଆରି କରି ନଦୀରେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବା ସହ ମାଛ ମାରିବା ଏବଂ ବେପାର ବଣିଜରେ କାମରେ ଲଗାଉଛନ୍ତି। ଏହା ସବୁଠାରୁ ବିପଦପୂର୍ଣ୍ଣ ଅଟେ।ଦେଶୀ ଡଂଗା ସବୁବେଳେ ବିଶ୍ୱାସଯୋଗ୍ୟ ନୁହେଁ। ବହୁଥର ଏହି ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ଧକ୍କା ଦେଇସାରିଛି।

ବିଚ୍ଛିନ୍ନାଞ୍ଚଳର ଗାଜଲମାମୁଡି ପଞ୍ଚାୟତର ତୋଟାପାଲି ଗ୍ରାମ ନିକଟରେ ଲୋକେ ପାରଂପାରିକ କୌଶଳରେ ଦେଶୀ କାଠ ଡଂଗା ତିଆରି କରୁଥିବା ଦେଖିବାକୁ ମିଳିଥିଲା। ସେମାନେ ଏହା ହିଁ ଆମର ଜୀବନ ବୋଲି କହିଥିଲେ। ସରକାରଙ୍କ ତରଫରୁ ସେଭଳି କୌଣସି ସୁବିଧା ଯୋଗାଇ ଦିଆଯାଉନଥିବାରୁ ବାଧ୍ୟ ହୋଇ ଆମେ ନିଜର ବୁଦ୍ଧି ବଳରେ ଦେଶୀ ଡଂଗା ତିଆରକରି ନଦୀ ପାର ହେବା ସହ ଅନ୍ୟାନ୍ୟ ଜିନିଷ କରୁଛୁ। ଏମାନଙ୍କୁ ଗୋଟିଏ ଡଂଗା ତିଆରି କରିବାକୁ ପ୍ରାୟତଃ ମାସେ ସମୟ ଲାଗୁଛି। କାଠଗୁଡିକ ଶୁଖିବା ପରେ ହିଁ ଏହାକୁ ଡଂଗା ପାଇଁ ବ୍ୟବହାର କରାଯାଇଥାଏ। ବିଭିନ୍ନ ପ୍ରକାର ଗଛର ଓଠାକୁ ଏମାନେ ବ୍ୟବହାର କରିବା ସହ ତାରୁକୁ ମଧ୍ୟ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ତେବେ ଏହା କେତେ ସୁରକ୍ଷିତ ବୋଲି ଏମାନଙ୍କୁ ପଚରାଯିବାରୁ ସୁରକ୍ଷିତ ନଥିଲେ ମଧ୍ୟ ଏହାହିଁ ଆମର ଜୀବନ ବୋଲି କହିଥିଲେ। ପୁରୁଷ ପୁରୁଷ ଧରି ଆମେ ଏହି ଦେଶୀ ଡଂଗା ଉପରେ ହିଁ ନିର୍ଭର କରିଆସୁଛୁ। ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସେବା କେବଳ କିଛି ଦିନ ପାଇଁ। ଏହି ଡଂଗାରେ ହିଁ ମାଛ ମାରି ବେପାର କରୁଛୁ ବୋଲି କହିଥିଲେ। ବର୍ତ୍ତମାନ ଗୁରୁପ୍ରିୟା ସେତୁ ହେବା ପରେ ବିଚ୍ଛିନ୍ନାଞ୍ଚଳକୁ ସ୍ୱାଭିମାନ ଅଂଚଳରେ ପରିଣତ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପରେ ସ୍ୱାଭିମାନ ଅଂଚଳକୁ ରାସ୍ତା ଫିଟିଛି। ତେଣୁ ଏମାନେ ନିଜର ହାତ ତିଆରି ଦେଶୀ ଡଂଗାରେ ବିଭିନ୍ନ ଗ୍ରାମକୁ ଯିବାକୁ ହେଲେ ଏହାକୁ ବ୍ୟବହାର କରୁଛନ୍ତି। ଏପରିକି ୩୦ କିଲୋମିଟର ଊର୍ଦ୍ଧ୍ୱ ବାଟ ମଧ୍ୟ ଏହି ଡଂଗାରେ ହିଁ ଯିବା ଆସିବା କରୁଥିବା କହିଛନ୍ତି।

## ସହସ୍ରାଧିକ ହବିଷ୍ୟାଳି ମା'ମାନଙ୍କୁ ଅଣଦେଖା କରାଯାଉଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପବିତ୍ର କାର୍ତ୍ତିକ ମାସରେ ହଜାର ହଜାର ହବିଷ୍ୟାଳି ପୁରୀରେ ରହି ଜଗନ୍ନାଥଙ୍କୁ ଦର୍ଶନ କରିବାର ଏକ ଅନନ୍ୟ ପରମ୍ପରା ରହିଥିବା ବେଳେ ଏବର୍ଷ ପୁରୀକୁ ଆସିଥିବା ହବିଷ୍ୟାଳି ମାନଙ୍କ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇ ନଥିବା ଅଭିଯୋଗ କରି ଆଜି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଛି। ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର କହିଲେ, ହବିଷ୍ୟାଳି ମାନଙ୍କୁ ଅଣଦେଖା କରିବା ଓ ସେମାନଙ୍କ ସୁବିଧା ଅସୁବିଧା ନବୁଝିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଅପରପକ୍ଷରେ, ବିଭାଗୀୟ ମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି, କେବଳ ଅନଲାଇନରେ ପଞ୍ଜିକୃତ କରିଥିବା ମହିଳା ମାନଙ୍କ ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଉଛି। ହବିଷ୍ୟାଳିମାନେ ପ୍ରାପ୍ତ ବୟସ୍କ ହୋଇଥିବା ବେଳେ ସେମାନଙ୍କୁ ଏପରି ହଇରାଣ ହେବା ପାଇଁ ଛାଡ଼ିଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ। ଡ. ସାମନ୍ତସିଂହାର କହିଥିଲେ, ହବିଷ୍ୟାଳି ମାନଙ୍କ ସୁବିଧା ନିମନ୍ତେ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରୀରେ ୩୯ କୋଟି ଟଙ୍କା ବ୍ୟୟରେ ବୃନ୍ଦାବତୀ ଭବନ ନିର୍ମାଣ ହୋଇଛି। ଗତବର୍ଷ, ୩୫୦୦ରୁ ଊର୍ଦ୍ଧ୍ୱ ହବିଷ୍ୟାଳିଙ୍କୁ ରଖିବା ପାଇଁ ସରକାର ବ୍ୟବସ୍ଥା କରିଥିଲେ। ଏବର୍ଷ ମାତ୍ର ୨୫୦୦ ହବିଷ୍ୟାଳିଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଫଳରେ ହଜାର ହଜାର ହବିଷ୍ୟାଳି ବାର ଦୁଆର ଶୁଣ୍ଡି ପିଣ୍ଡା ହେଉଛନ୍ତି। ଏମାନଙ୍କ ଭିତରୁ ଅଧିକାଂଶ ପ୍ରାପ୍ତ ବୟସ୍କ ହୋଇଥିବାରୁ, ସେମାନଙ୍କ ପାଇଁ ରହିବା, ଖାଇବା, ଶ୍ରୀମନ୍ଦିର ଯିବା ଆସିବା କରିବା ପାଇଁ ବ୍ୟବସ୍ଥା କରିବା ଓ ଜଗନ୍ନାଥ ଦର୍ଶନ କରିବା ଇତ୍ୟାଦି ରାଜ୍ୟ ସରକାରଙ୍କ ଦାୟିତ୍ୱ। କିନ୍ତୁ, ସେମାନଙ୍କୁ ଅସୁବିଧାରେ ପଡ଼ିବାକୁ ଛାଡ଼ିଦେଇ ସରକାର ନିଦାବିଷ୍ଟୁ ସାଜିଛନ୍ତି। ପୂର୍ବ ସରକାରଙ୍କ ସମୟରେ ସମସ୍ତ ହବିଷ୍ୟାଳିଙ୍କ ପାଇଁ ଏଇ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିଲା। ଏହି ଘଟଣାରେ ବର୍ତ୍ତମାନର ସରକାରଙ୍କ ଅପାରଗ ପଣିଆ ଏବେ ପଦାରେ ପଡିଛି। ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ହବିଷ୍ୟାଳିମାନେ ଆଜି ନାହିଁ ନଥିବା ଅସୁବିଧାର



ସମ୍ମୁଖୀନ ହେଉଛନ୍ତି ବୋଲି ଡ. ସାମନ୍ତସିଂହାର କହିଥିଲେ। ଓଡ଼ିଆ ଅସ୍ମିତାର ଦୁହାଇ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡ଼ିଆ ପରମ୍ପରାକୁ ସମ୍ମାନ ଜଣାଇ ହଜାର ହଜାର ହବିଷ୍ୟାଳି ମା ମାନଙ୍କୁ ଆବଶ୍ୟକ ସୁବିଧା ପ୍ରଦାନ ନକରିବା ବିଜେପିର ଓଡ଼ିଆ ଅସ୍ମିତା ଏକ ଧୋକା ବା ପ୍ରବଞ୍ଚନାରେ ପରିଣତ ହୋଇଛି। ପବିତ୍ର କାର୍ତ୍ତିକ ମାସରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ସାଙ୍ଗକୁ ହବିଷ୍ୟାଳିଙ୍କ ଶ୍ରୀକ୍ଷେତ୍ରରେ ରହି ଜଗନ୍ନାଥ ଦର୍ଶନ କରି ପୁଣ୍ୟ ଅର୍ଜନ କରିବାର ଏକ ଅନନ୍ୟ ପରମ୍ପରା ରହିଛି ଯାହା ସେମାନଙ୍କୁ ମୋକ୍ଷପ୍ରାପ୍ତି କରାଏ ବୋଲି ବିଶ୍ୱାସ ରହିଛି। ଏପରି ପବିତ୍ର ପରମ୍ପରାକୁ ସମ୍ମାନ ନଜଣାଇବା, ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ସଦୃଶ୍ୟ ବୋଲି ଡ. ସାମନ୍ତସିଂହାର କହିଥିଲେ।

## ବଦଳିଲା ଟ୍ରେନ୍ ଟିକେଟ୍ ବୁକିଂ ନିୟମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଟ୍ରେନ୍ ଟିକେଟ୍ ବୁକିଂରେ ଭାରତୀୟ ରେଳ କଲା ବଡ଼ ପରିବର୍ତ୍ତନ । ଏଣିକି ୧୨୦ ଦିନ ନୁହେଁ ୬୦ ଦିନ ପୂର୍ବରୁ କରିପାରିବେ ଆଡଭାନ୍ସ ବୁକିଂ। ୨ ମାସକୁ ସମୟ ସୀମା ହ୍ରାସ ନେଇ ରେଲୱେ ବୋର୍ଡ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି । ଏହି ନୂଆ ନିୟମ ଆସନ୍ତା ନଭେମ୍ବର ୧ ତାରିଖରୁ ଲାଗୁ ହେବ । ରେଲୱେ ବୋର୍ଡ ପକ୍ଷରୁ ଲାଗୁ ହୋଇଥିବା ଏକ ଚିଠିରେ ଏନେଇ ସୂଚନା ଦିଆଯାଇଛି । ତାଜ୍ ଏକ୍ସପ୍ରେସ୍ ଏବଂ ଗୋମତି ଏକ୍ସପ୍ରେସ୍ ଭଳି କିଛି ଏକ୍ସପ୍ରେସ୍‌ରେ କୌଣସି ପରିବର୍ତ୍ତନ ହେବ ନାହିଁ । ଏହା ସହ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ୩୬୫ ଦିନର ସୀମାରେ ମଧ୍ୟ କୌଣସି ପରିବର୍ତ୍ତନ କରାଯିବ ନାହିଁ ।



### ପ୍ରେମରେ ମାନ-ଅଭିମାନର ଭୟଙ୍କର ରୂପ

## ଜନ୍ମଦିନରେ ପ୍ରେମିକ ଆସିଲାନି : ଦଉଡ଼ି ଲଗାଇଲା ପ୍ରେମିକା

**ଭବାନୀପାଟଣା, ନ୍ୟୁଜ ବ୍ୟୁରୋ**

ପ୍ରେମରେ ମାନ-ଅଭିମାନ ସ୍ୱାଭାବିକ କଥା । କିନ୍ତୁ ଅଭିମାନ ଯେ ଭୟଙ୍କର ରୂପ ଧାରଣ କରିପାରେ ତାହାର ଏକ ବିକୃତ ଚିତ୍ର ଦେଖିବାକୁ ମିଳିଛି ଭବାନୀପାଟଣା ସହରରେ । ପ୍ରେମିକାର ଜନ୍ମଦିନରେ ପ୍ରେମିକ ପହଞ୍ଚି ପାରିଲେନି । ପରଦିନ ସକାଳୁ ଆସିଲେ ବୋଲି ଉଚ୍ଚବାଚ ହେଲା । ବାସ୍, ଏତିକି କଥାରେ ଅଭିମାନୀ ପ୍ରେମିକା ବେକରେ ଦଉଡ଼ିଦେଇ ଝୁଲି ପଡ଼ିଲେ ! ଭବାନୀପାଟଣା ସଦର ଥାନା ଜନକପୁର ଗାଁର ମନିଷା ଗୌଡ଼ (୨୨) ଭବାନୀପାଟଣା ସହରର ବାହାଦୂରବଗିଚା ପଡ଼ାରେ ଏକ ଘର ଭଡ଼ାରେନେଇ ନିଜ ଭାଣିଜିଙ୍କ ସହ ରହୁଥିଲେ । ସେ ସ୍ଥାନୀୟ ଏକ ଅଟୋମୋବାଇଲ ସୋ'ରୁମରେ କାମ କରୁଥିଲେ । ମଦନପୁର ରାମପୁର ଅଞ୍ଚଳର ଜଣେ ଯୁବକଙ୍କ ସହିତ ତାଙ୍କ ପ୍ରେମ ସମ୍ପର୍କ



ରହିଥିଲା । ଉଭୟଙ୍କ ମଧ୍ୟରେ ପ୍ରେମ-ପୀରତିର ଭାବ ମଧ୍ୟ ଭଲ ଥିଲା । ମନିଷାଙ୍କ ଜନ୍ମଦିନ ଥିଲା। ଜନ୍ମଦିନ ପାଳନ ପାଇଁ ତାଙ୍କ ପ୍ରେମିକ ଆସିବାର ଥିଲା । କିନ୍ତୁ କୌଣସି କାରଣରୁ ସେ ଆସିଲେ ନାହିଁ । ମନିଷା ତାଙ୍କ ବାଟ ଚାହିଁଚାହିଁ ନିରାଶ ହୋଇଥିଲେ । ପରଦିନ ପ୍ରେମିକ ଆସିବାରୁ ମନିଷା ତାଙ୍କ ଉପରେ ଅଭିମାନକରି ପାଟିତୁଣ୍ଡ କରିଥିଲେ । ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଝଗଡ଼ା ଉଗ୍ରରୂପ ଧାରଣକରି ସେ ନିଜ ପ୍ରେମିକଙ୍କୁ ବାଥରୁମରେ ବନ୍ଦ କରିଦେଇଥିଲେ । ପରେ ମନିଷା ଘର ଛାତରେ ଦୌଡି ଲଗାଇ ଆତ୍ମହତ୍ୟା କରିଥିଲେ । ଦୀର୍ଘ ସମୟଧରି ସେ କବାଟ ନଖୋଲିବାରୁ ପ୍ରେମିକଜଣକ ପାଟିତୁଣ୍ଡ କରିଥିଲେ । ସେତେବେଳକୁ ମନିଷାଙ୍କ ଶରୀର ଝୁଲୁଥିବା ଦେଖିବାକୁ ମିଳିଥିଲା । ଖବରପାଇ ଟାଉନ୍ ଥାନା ପୁଲିସ୍ ବାହାଦୂରବଗିଚା ପଡ଼ାସ୍ଥିତ ଭଡ଼ାଘରୁ ମନିଷାଙ୍କ ଝୁଲନ୍ତା ଶବକୁ ଉଦ୍ଧାର କରିଥିଲା । ପ୍ରାଥମିକ ତଦନ୍ତରୁ ଅଭିମାନରେ ମନିଷା ଝୁଲିପଡ଼ିଥିବା ଜଣାପଡ଼ିଥିଲେ ହେଁ ଆତ୍ମହତ୍ୟାର ସଠିକ୍ କାରଣ ଜାଣିବା ପାଇଁ ପ୍ରେମିକଙ୍କୁ ଟାଉନ ଥାନାରେ ଅଟକରଖି ପୁଲିସ ପଚରାଉଚୁରା ଚଳାଇଛି ।

## କଳାହାଣ୍ଡିରେ କମୁନି ଦାଦନ ଦୁଃଖ

**କଳାହାଣ୍ଡି, ନ୍ୟୁଜ ବ୍ୟୁରୋ**

କଳାହାଣ୍ଡିରେ ପୁଣି ଦାଦନ ଯନ୍ତ୍ରଣା । ଘର ଆର୍ଥିକ ସ୍ଥିତି ଭଲ ନଥିବା ଯୋଗୁଁ ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିଲେ । ହେଲେ ସେଠାରେ ଦେହ ଅସୁସ୍ଥ ହେବା ଯୋଗୁଁ ଚାଲିଗଲା ଜୀବନ। ମୃତକ ନର୍ଲା ବ୍ଲକ୍ ଅନ୍ତର୍ଗତ ନିଶାନପୁର ଗାଁ ର ଥବିର ଗଉଡ (୨୩) ବୋଲି ଜଣାପଡ଼ିଥିବା ବେଳେ ସେ ଗୁଜରାଟର ରାଜକୋଟକୁ ଦାଦନ ଖଟିବା ପାଇଁ ଯାଇଥିଲେ ।



ସୂଚନା ମୁତାବକ, ନିଶାନପୁର ଗାଁର ଥବିର ଗଉଡ ନାମକ ଯୁବକ ଗାଁରେ କାମ ଧନ୍ଦା ଅଭାବରୁ କିଛି ମାସ ତଳେ ବାହାର ରାଜ୍ୟ ଗୁଜରାଟର ରାଜକୋଟକୁ ଦାଦନ ଖଟିବା ପାଇଁ ଯାଇଥିଲେ। ସେଠାରେ କୌଣସି କାରଣରୁ ତାଙ୍କ ଶରୀର ଅସୁସ୍ଥ ହେବା ପରେ ତାଙ୍କ ସାଙ୍ଗରେ ରହୁଥିବା ଯୁବକ ମାନେ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କର ମୃତଦେହ ନିଜ ଜନ୍ମ ମାଟି ନିଶାନପୁର ଗାଁକୁ ଫେରିଥିଲା ।

ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । କଳାହାଣ୍ଡି ଜିଲ୍ଲାରେ ପ୍ରତି ସପ୍ତାହରେ ଜଣେ ଦୁଇ ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଫେରିବା ନିତି ଦିନିଆ ଘଟଣା ହୋଇ ଗଲାଣି ।

## କୁବେରପୁରୀରେ ମାଳମାଳ ବସ୍ତି :୧୫ ହଜାର ପରିବାର ମୁଣ୍ଡ ଉପରେ ନାହିଁ ଛାତ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଖଣି ରାଜଧାନୀ, କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ମଣ୍ଡଳ। ଏଠାକାର ରାଜସ୍ୱରେ ରାଜ୍ୟ ଚାଲେ। ଖଣି ରାଜସ୍ୱରେ ରାଜଧାନୀରେ ନିର୍ମିତ ହୁଏ ଶଙ୍ଖ ମଲମଲ କୋଠା। ହେଲେ ଖଣି ଖାଦାନରେ ନିଜ ଜୀବନକୁ ପାଣି ଛଡ଼ାଇ କାମ କରି ରାଜକୋଷ ଭରୁଥିବା ନିରୀହ ଶ୍ରମିକ ଯେଉଁ ଗରିବକୁ ସେହି ଗରିବ। ଯୋଡ଼ା ଖଣିମଣ୍ଡଳ (ଯୋଡା-ବଡବିଲ୍)ରେ ପାଖାପାଖି ୧୫ ହଜାର ପରିବାରଙ୍କ ମୁଣ୍ଡ ଉପରେ ଏବେ ବି ଛାତ ନାହିଁ। ସରକାରଙ୍କ ସହରାଞ୍ଚଳ ବସ୍ତି ଉନ୍ନୟନ ଯୋଜନା ଏମାନଙ୍କ ପାଇଁ ଅପହଞ୍ଚ। ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ରହିଥିବା ଡିଏମ୍‌ଏଫ୍ ପାଣ୍ଠିକୁ ବିନର୍ବ୍ୟୟ କରି ବାବୁମାନେ ପକେଟ୍ ଗରମ କରୁଥିବା ବେଳେ ମାଟି ତଳେ କାମ କରୁଥିବା ଶ୍ରମିକଙ୍କ ଜୀବନ ଆଲୋକିତ ହୋଇ ପାରୁନାହିଁ। ସରକାର ଆସିଛି, ଯାଇଛି; ଅନେକ ପ୍ରତିଶ୍ରୁତି ମଧ୍ୟ ମିଳିଛି। ହେଲେ ସେମାନଙ୍କ ଜୀବନଧାରଣର ମାନରେ ସୁଧାର ଆସୁନାହିଁ। ଖଣି ରାଜଧାନୀ କୁବେରପୁରୀର ଭୋକ କେବେ ମେଣ୍ଟିବ ତାହା ଏବେ ବି ଅନିଶ୍ଚିତତା ଭିତରେ ରହିଛି। ଯୋଡ଼ା ଖଣି ମଣ୍ଡଳରେ ରହିଛି ଦୁଇଟି ପୌରାଞ୍ଚଳ। ଗୋଟିଏ ଯୋଡ଼ା ଏବଂ ଅନ୍ୟଟି ବଡ଼ବିଲ। ଯୋଡ଼ା ଖଣିମଣ୍ଡଳରେ ଥିବା ଖଣିଖାଦାନଗୁଡିକରେ କାମ କରିବାକୁ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରମିକ ଆସି ବର୍ଷ ବର୍ଷ ଧରି ପରିବାର ସହିତ ରହୁଛନ୍ତି। ବର୍ତ୍ତମାନ ସୁଦ୍ଧା ଯୋଡ଼ା ପୌରପାଳିକା ଅଧୀନରେ ୩୬ଟି ବସ୍ତି ରହିଛି। ଏହି ୩୬ଟି ବସ୍ତିରେ ୫ ହଜାର ୬୩୦ଟି ପରିବାର ରହୁଥିବାବେଳେ ସରକାରୀସ୍ତରରେ ଆଜି ସୁଦ୍ଧା ମାତ୍ର ୪୪୪ଟି ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ବ୍ୟବସ୍ଥା ହୋଇଛି। ଅଦ୍ୟାବଧି ମାତ୍ର ୩୪୨ଟି ଘର ସଂପୂର୍ଣ୍ଣ ହୋଇଥିବା ବେଳେ ୧୦୨ଟି ଘର ଅସଂପୂର୍ଣ୍ଣ ଅବସ୍ଥାରେ ରହିଛି। ଅର୍ଥାତ ଯୋଡ଼ା ପୌରପାଳିକାରେ ଥିବା ମୋଟ୍ ୩୬ଟି ବସ୍ତିର ୫୬୩୦ଟି ପରିବାର ମଧ୍ୟରୁ ଆଜି ସୁଦ୍ଧା ୫୨୮୮ଟି ପରିବାରର ମୁଣ୍ଡ ଉପରେ ଛାତ ନାହିଁ। ମାତ୍ର ୩୪୨ ପରିବାର ମୁଣ୍ଡ ଉପରେ ଛାତ ରହିଛି। ସେମିତି ବଡ଼ବିଲ ପୌରାଞ୍ଚଳରେ ଥିବା ବସ୍ତିଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଦୟନୀୟ। ଏଠାରେ ମୋଟ୍ ୪୩ଟି ବସ୍ତି ରହିଛି। ଏହି ବସ୍ତିଗୁଡ଼ିକରେ ୧୦,୬୪୩ଟି ପରିବାର ରହୁଛନ୍ତି। ଏମାନଙ୍କ ମଧ୍ୟରୁ ସରକାରୀସ୍ତରରେ ମାତ୍ର ୫୫୬ ଜଣ ଆବାସ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥିରୁ ୪୯୮ଟି ଆବାସ ସଂପୂର୍ଣ୍ଣ ହୋଇଛି। ଏଠାରେ ମୋଟ ୧୦୪୬୩ଟି ପରିବାର ମଧ୍ୟରୁ ୧୦୧୪୫ଟି ପରିବାର ମୁଣ୍ଡ ଉପରେ ଛାତ ନାହିଁ। ମୋଟ ଉପର ଯୋଡ଼ା ଏବଂ ବଡ଼ବିଲ ପୌରପାଳିକାରେ ୧୫,୪୩୩ ପରିବାରର ମୁଣ୍ଡ ଉପରେ ଛାତ ନାହିଁ। ବସ୍ତିରେ ଥିବା ପରିବାର ମୁଣ୍ଡରେ ଛାତ ନ ଥିବାରୁ ପାଣି ଟୋପେ ପାଇବା ସ୍ୱପ୍ନ ହୋଇଛି। ଏହି ସବୁ ବସ୍ତିକୁ ସରକାରୀସ୍ତରରେ ଦିନକୁ ମାତ୍ର ଥରୁଟିଏ ପାଣି ଯୋଗାଇ ଦିଆଯାଉଛି। ଏ ପର୍ଯ୍ୟନ୍ତ ଏଠାରେ ୨୪ ଘଣ୍ଟିଆ ପାଣି ଯୋଗାଣ ବ୍ୟବସ୍ଥା ହୋଇନାହିଁ। ରାସ୍ତାଘାଟ ସହିତ ଜୀବନଧାରଣର ଅନ୍ୟ ଦିଗ ସବୁ ପ୍ରାୟତଃ ଏଠାରେ ଅଧୁରା।

### ଆଳୁ ମିଶନ କ୍ଷେତ୍ରରେ ସରକାରୀ ପ୍ରସ୍ତୁତି

# ନିଅଣ୍ଟ ପଡ଼ିବ ୨୭,୩୫୨ କ୍ୱିଣ୍ଟାଲ ବିହନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଳୁ ମିଶନ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର । ୨୦୨୪-୨୫ ରବି ଫସଲ ଲାଗି ରାଜ୍ୟରେ ୧୪,୪୨୩ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ଏଥିପାଇଁ ୧ ଲକ୍ଷ ୮୭ ହଜାର ୫୦୦ କ୍ୱିଣ୍ଟାଲ ବିହନ ଆବଶ୍ୟକ । କିନ୍ତୁ ଜିଲ୍ଲାୱାରୀ ଉଦ୍ୟାନ ଉପନିର୍ଦ୍ଦେଶକଙ୍କ ହିସାବ ଅନୁଯାୟୀ ମୋଟ ୧ ଲକ୍ଷ ୮୨ ହଜାର ୫ ଶହ ୫୯ କ୍ୱିଣ୍ଟାଲ୍ ବିହନ ଆବଶ୍ୟକ କରୁଛି ରାଜ୍ୟ । ଯାହାକୁ ପ୍ରତି ଜିଲ୍ଲାରେ ନଭେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବଣ୍ଟନ କରାଯିବାକୁ ସମୟ ଧାର୍ଯ୍ୟ କରାଯାଇଛି । ସମୁଦାୟ



୧ ଲକ୍ଷ ୫୫ ହଜାର ୨୦୭ କ୍ୱିଣ୍ଟାଲ୍ ଆଳୁ ବିହନ ଲାଗି ରାଜ୍ୟ ବିହନ ନିଗମ ଅର୍ଡର ଦେଇଛି । ୩୦ ଜିଲ୍ଲାକୁ ୧ ଲକ୍ଷ ୮୨ ହଜାର ୫ ଶହ ୫୯ କ୍ୱିଣ୍ଟାଲ ବିହନ ଆବଶ୍ୟକ ଥିବା ବେଳେ ବାକି ୨୭,୩୫୨ କ୍ୱିଣ୍ଟାଲ ବିହନ କେଉଁଠୁ ଆସିବ ବୋଲି ପ୍ରଶ୍ନ ଉଠିଛି । କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଳିଥିବା ସଦ୍ୟତମ ତଥ୍ୟ ଅନୁସାରେ, ୩ଟି ଏଜେନ୍ସିକୁ ନ୍ୟାସନାଲ୍ ସିଡ୍ କର୍ପୋରେସନ, ଧୀରାଜ ଫାର୍ମସ୍ ଏବଂ ଏଚଆଇଏଲ୍(ଇଣ୍ଡିଆ) ଲିମିଟେଡକୁ ଆଳୁ ବିହନ ଯୋଗାଣର ଦାୟିତ୍ୱ ଦିଆଯାଇଛି। ଉନ୍ନତ ମାନର ଆଳୁ ବିହନ ଯୋଗାଣ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର । ଏଥିଲାଗି ବିହନ ଏବଂ ଏହାର ଉତ୍ସକୁ ମଧ୍ୟ ଯାଞ୍ଚ କରାଯାଉଛି । ଏହି ପରିପ୍ରେକ୍ଷୀରେ କୃଷି ବିଭାଗ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଅମେରେଶ୍ୱର ମିଶ୍ର କହିଛନ୍ତି, ଆମ ରାଜ୍ୟକୁ ୯୦ ଦିନିଆ ଅମଳ ଉପଯୋଗୀ ବିହନ ଆବଶ୍ୟକ । କିନ୍ତୁ କେଉଁ କିସମର ଆଳୁ ବିହନ ଯୋଗାଇ ଦିଆଯାଉଛି ତାକୁ ନେଇ କୈଣସି ସରକାରୀ ତଥ୍ୟ ନାହିଁ । ରିପୋର୍ଟରେ ଆଳୁ ବିହନର କିସମ ଦର୍ଶାଇବାକୁ ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି। ଆଗାମୀ ୨-୩ ବର୍ଷ ଭିତରେ ଆଳୁ ଉତ୍ପାଦନରେ ଆତ୍ମନିର୍ଭର ହେବ ରାଜ୍ୟ। ଆସନ୍ତାବର୍ଷରୁ ଆଳୁ ଚାଷର କ୍ଷେତ୍ର ବୃଦ୍ଧି ହେବା ସହ ଉନ୍ନତ ମାନର ଆଳୁ ବିହନ ସଠିକ ସମୟରେ ଚାଷୀଙ୍କ ପାଖରେ ପହଞ୍ଚିବ । ଆଉ ବିହନ ଲାଗି ପଞ୍ଜାବ କିମ୍ବା ଆଳୁ ଲାଗି ୟୁପି ଏବଂ ପଶ୍ଚିମବଙ୍ଗ ଉପରେ ନିର୍ଭର ହେବାକୁ ପଡ଼ିବନି ବୋଲି କହିଛନ୍ତି ଯୁବ କୃଷି ବିଶେଷଜ୍ଞ ଅବିନାଶ ମହାନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଅକ୍ଟୋବର ୨୦୨୪ ସୋମବାର





## ରାଷ୍ଟ୍ରପତିଙ୍କ ତିନିଦିନିଆ ଓଡିଶା ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# କାର୍ଯ୍ୟକ୍ରମ ସ୍ଥଳରେ ଉଡିବନି ଡ୍ରୋନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ ଦିନିଆ ଓଡ଼ିଶା ଗସ୍ତ ପାଇଁ ରାଜ୍ୟ ପୁଲିସ ତତ୍ପର ହୋଇଛି । ରାଜଧାନୀ ସମେତ ମୟୂରଭଞ୍ଜ ଓ ପୁରୀରେ ରାଷ୍ଟ୍ରପତି ଯୋଗ ଦେବାକୁ ଥିବା କାର୍ଯ୍ୟକ୍ରମସ୍ଥଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମସ୍ଥଳରେ ଡ୍ରୋନ୍ ଉଡ଼ାଇଲେ, ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆସନ୍ତା ୨୩ରେ ରାଷ୍ଟ୍ରପତି ପଶ୍ଚିମବଙ୍ଗର କଲାଇକୁଣ୍ଡା ବିମାନବନ୍ଦରରୁ ବାହାରି ବାଙ୍ଗିରିପୋଷି



ହେଲିପ୍ୟାଡ୍‌ରେ ଓହ୍ଲାଇବେ । ମୟୂରଭଞ୍ଜରେ ୬ଟି ପ୍ରକଳ୍ପର ଶିଳାନ୍ୟାସ କରିବେ । ତା' ପରଦିନ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ଭୁବନେଶ୍ୱରରେ ୨ଟି କାର୍ଯ୍ୟକ୍ରମରେ ଯୋଗ ଦେବେ । ୨୫ ତାରିଖ ସକାଳେ ନିଳାଦ୍ରୀବିହାରରେ ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଛତିଶଗଡ଼ ରାୟପୁର ଅଭିମୁଖେ ବାହାରିଯିବେ । ଏହି ସବୁ କାର୍ଯ୍ୟକ୍ରମ ପ୍ରସାରଣ ବେଳେ ଡ୍ରୋନ ବ୍ୟବହାର ନ କରିବାକୁ ଗଣମାଧ୍ୟମ ସଂସ୍ଥାକୁ ଅବଗତ କରାଯାଇଛି ।

# ରାଜ୍ୟର ୧୨ ଜିଲ୍ଲାରେ ନାହାନ୍ତି ସିଡିଏମ୍‌ଓ: ୪ ମାସ ହେବ ଅଚଳାବସ୍ଥା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ୧୨ଟି ଜିଲ୍ଲାରେ ନାହାନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) । ଫଳରେ ସିଡିଏମ୍‌ଓ କରୁଥିବା କାର୍ଯ୍ୟ ଯଥା-ପ୍ରଶାସନିକ କାର୍ଯ୍ୟ, ସ୍ୱାସ୍ଥ୍ୟସେବା, ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା, ରୋଗୀଙ୍କ ଅଭିଯୋଗ ଶୁଣି ସମାଧାନ କରିବା, ସ୍ୱାସ୍ଥ୍ୟ ପ୍ରକଳ୍ପଗୁଡିକୁ ତଦାରଖ କରିବା ଆଦି କାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହୋଇଛି । ସିଡିଏମ୍‌ଓ ନ ଥିବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ମୁରବିଶୂନ୍ୟ ହୋଇପଡିଛି । ୪ ମାସରୁ ଅଧିକ ସମୟ ହେଲାଣି ନବରଙ୍ଗପୁର, ସୋନପୁର, ଭଦ୍ରକ, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ଜଗତସିଂହପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ସିଡିଏମ୍‌ଓ ନାହାନ୍ତି । ଏହି ସବୁ ଜିଲ୍ଲାରେ ପର୍ଯ୍ୟାୟ କ୍ରମେ ସିଡିଏମ୍‌ଓ ପଦବି ଖାଲିହୋଇଛି । ସ୍ୱାସ୍ଥ୍ୟ ସଂକ୍ରାନ୍ତ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ହେଉ ଅବା ଜିଲ୍ଲାସ୍ତରୀୟ ବୈଠକ ସବୁ ସିଡିଏମ୍‌ଓଙ୍କ ତତ୍ତ୍ୱାବଧାନରେ ହୋଇଥାଏ । ରାଜ୍ୟ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାକୁ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ କରିବାରେ ସିଡିଏମ୍‌ଓ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି । ହେଲେ ଏହି ସବୁ ଜିଲ୍ଲାରେ ସିଡିଏମ୍‌ଓ ନଥିବାରୁ ଏହି କାମ ଠିକ୍ ଭାବେ ହୋଇପାରୁନି । ସେହିପରି ଡାକ୍ତରଙ୍କ ପଦୋନ୍ନତି, ବଦଳି ଓ କାର୍ଯ୍ୟ ବଣ୍ଟନ ଏବଂ ନର୍ସଙ୍କ ପୋଷ୍ଟିଂ, ଗ୍ରେଡେସନ୍ ଓ ବଦଳି ଆଦି ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି । ସ୍ୱାସ୍ଥ୍ୟ ବିଭାଗ ଘନ ଘନ ସେମାନଙ୍କ ସମ୍ପର୍କରେ ରିପୋର୍ଟ ମାଗୁଛି । ହେଲେ ସିଡିଏମ୍‌ଓ ନ ଥିବାରୁ ଜିଲ୍ଲାରୁ ରିପୋର୍ଟ ଆସୁପାରୁନାହିଁ । ନର୍ସିଂ ନିର୍ଦ୍ଦେଶାଳୟ ନର୍ସଙ୍କ ରିପୋର୍ଟ ଧରି ବସିଛି । ପୂର୍ଣ୍ଣାଙ୍ଗ ରିପୋର୍ଟ ଜିଲ୍ଲାରୁ ପହଞ୍ଚି ପାରୁନଥିବାରୁ ପ୍ରଶାସନିକ କାର୍ଯ୍ୟ ଆଗକୁ ବଢୁନି । ତେବେ କାହିଁକି ଏପରି ପରିସ୍ଥିତି ସୃଷ୍ଟି ହୋଇଛି, ଏହାର ଉତ୍ତର କାହା ପାଖରେ ନାହିଁ । ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ କର୍ତ୍ତୃପକ୍ଷ କହୁଛନ୍ତି ଏହା ଆମ ଅଧୀନରେ ନାହିଁ । ଆମେ ସ୍ୱାସ୍ଥ୍ୟ ବିଭାଗକୁ ଏହା ଜଣାଇ ଦେଇଛୁ । ସ୍ୱାସ୍ଥ୍ୟ ବିଭାଗ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପଚାରିବାରୁ ସେମାନେ ଚୁପ୍ ରହୁଛନ୍ତି । ଏପଟେ ସ୍ୱାସ୍ଥ୍ୟ ବିଭାଗର ଏଭଳି ଅବହେଳା ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି । ରୋଗୀ ମୁଖ୍ୟ ହସ୍ପିଟାଲ୍‌ରେ ବିଭିନ୍ନ ଅବହେଳାର ଶିକାର ହେଉଛନ୍ତି । ଏ ନେଇ କାହା ପାଖରେ ଅଭିଯୋଗ କରିବେ ତାକୁ ନେଇ ଚିନ୍ତାରେ ଅଛନ୍ତି । ହସ୍ପିଟାଲ୍‌ରେ ଡାକ୍ତର ମନଇଚ୍ଛା ଛୁଟିରେ ଯାଉଥିବା ବେଳେ ସ୍ୱାସ୍ଥ୍ୟ କର୍ମଚାରୀ ମନମାନି ଚଳାଉଛନ୍ତି । ଏହାଛଡ଼ା ସିଏଚ୍‌ସି ଓ ପିଏଚ୍‌ସି ତଦାରଖ କରିବାକୁ ମଧ୍ୟ କେହି ନାହାନ୍ତି । ଏହାବାଦ୍ ସିଡିଏମ୍‌ଓଙ୍କ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଅଧାପନ୍ତରିଆ ପଡ଼ିରହିଛି ।

# ଜାଲ୍ ଦସ୍ତଖତ ପାଇଁ ସିଲ୍ ହେଲା ହେଲ୍‌ଥ କେୟାର ନର୍ସିଂହୋମ୍

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଳଗଣ୍ଡି ମେଡିକାଲ ରୋଡ ରେ ଥିବା ହେଲ୍‌ଥ କେୟାର ନର୍ସିଂହୋମକୁ ଜିଲ୍ଲା ପ୍ରଶାସନ ସିଲ କରିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ କାଗଜପତ୍ର ଦାଖଲରେ ଜାଲ ଦସ୍ତଖତ କରାଯାଇ ଥିବା ଅଭିଯୋଗ ପ୍ରମାଣିତ ହେବାପରେ ପ୍ରଶାସନ ଏହି ନିଷ୍ପତ୍ତି ନେଇଛି । ସୂଚନା ଯୋଗ୍ୟ ଯେ ଏହି ନର୍ସିଂହୋମର ସଂପ୍ରସାରଣ କରାଯାଇ ଥିଲା । ଅଗ୍ନିଶମ ବିଭାଗର ଆପତି ବିହିନ ପ୍ରମାଣପତ୍ର ହାସଲ ପାଇଁ ଦାଖଲ କରାଯାଇ ଥିବା କାଗଜପତ୍ର ରେ ପୌର ନିର୍ବାହୀ ଅଧିକାରୀଙ୍କ ଜାଲ ଦସ୍ତଖତ କରି ବିଭିନ୍ନ କାଗଜପତ୍ର ଅଗ୍ନିଶମ ବିଭାଗରେ ଦାଖଲ କରାଯାଇ ଥିଲା । ବିଭାଗ ପକ୍ଷରୁ ଏହି କାଗଜପତ୍ରର ଯାଞ୍ଚ କରାଯିବା ପରେ ପୌର ଅଧିକାରୀ ଓ ପୌରସଂସ୍ଥାର ସିଲ ଓ ଦସ୍ତଖତ ଜାଲ କରାଯାଇ ଦାଖଲ ହୋଇଥିବାରୁ ପୌରସଂସ୍ଥା ଅଧିକାରୀ ଆଶୁତୋଷ ଗୌରବ କର ଟାଉନ ଥାନାରେ ଏତଲା ଦାୟର କରିଥିଲେ । ତେବେ ଜିଲ୍ଲା ପ୍ରଶାସନ ଏହି ଜାଲିଆତି ଘଟଣାର ପ୍ରାରମ୍ଭିକ ସତ୍ୟତା ଥିବାର ଜାଣି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ନର୍ସିଂହୋମକୁ ସିଲ୍



କରାଯାଇଛି । ଏହି ସିଲ୍ ସମୟରେ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ତାପସ ରଞ୍ଜନ ଦେହୁରୀ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ଡାକ୍ତର ନୃପେନ ଶତପଥୀ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀ କର, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ରାଜ୍ୟ ଦକ୍ଷତା ବିକାଶ ତଥା ନିୟୋଜନ ନିର୍ଦ୍ଦେଶିକାଙ୍କ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା

# ଚଳିତ ବର୍ଷ ଧାନକ୍ରୟରେ ୫୩,୧୭୭ ଚାଷୀଙ୍କ ପଞ୍ଜିକରଣ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଦକ୍ଷତା ବିକାଶ ତଥା ନିୟୋଜନ ନିର୍ଦ୍ଦେଶିକା ଏବଂ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ କର୍ତ୍ତୃପକ୍ଷ ତଥା ଯାଜପୁର ଜିଲ୍ଲାର ନୋଡାଲ ଅଧିକାରୀ ରଶ୍ମିତା ପଣ୍ଡା ଦୁଇଦିନିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ପ୍ରଥମ ଦିନରେ ନଗଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଆମ କଳିକା କେନ୍ଦ୍ରରେ ଶିଶୁମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ଦେଓଗାଁ ଆଶ୍ରମ ବିଦ୍ୟାଳୟ, ଚିଙ୍ଗୁଡ଼ିପାଳ ଆଶ୍ରମ ସ୍କୁଲ୍, କଙ୍କଡାପାଳ ବାଇଓ ଫ୍ଲକ୍, କାଳିଆପାଣି ବାଇଓ ଡ଼ାଇଭରସିଟି ପାର୍କ, ସୁକିନ୍ଦା ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ବ୍ୟାସନଗର ସ୍କିଲ ଡେଭଲପମେଣ୍ଟ ସେଣ୍ଟର୍ ପରିଦର୍ଶନ କରିଥିଲେ । ଦ୍ୱିତୀୟ ଦିନ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ମାଗଣା ଔଷଧ ବିତରଣ କେନ୍ଦ୍ର, ଓପିଡି ଇତ୍ୟାଦି ପରିଦର୍ଶନ କରିଥିଲେ । ନିର୍ଦ୍ଦେଶିକା ଶ୍ରୀମତୀ ପଣ୍ଡାଙ୍କ ସହ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ, ସି.ଡି.ଏମ.ଓ ଡ଼ା. ଶିବାଶିଷ ମହାରଣା, ଯଯାତି



କେଶରୀ ଭେଷଜ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ା. ସିତାରାମ ମହାପାତ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ । ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହଠାରେ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହିତ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ସମୀକ୍ଷା ବୈଠକରେ ଉପସ୍ଥିତ ରହି ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା, ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ନିର୍ଦ୍ଦେଶିକାଙ୍କୁ ଅବଗତ କରାଇଥିଲେ । ଏହି ବୈଠକରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ସେତୁବନ୍ଧନ ଯୋଜନା, ପଞ୍ଚସଖା ଶିକ୍ଷାସେତୁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପି.ଏମ ସ୍କୁଲସ୍ ଫର୍ ରାଇଜିଂ ଇଣ୍ଡିଆ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଅନୁସୂଚିତ ଜନଜାତି ହଷ୍ଟେଲ, ସ୍ୱତନ୍ତ୍ର ଯୁବା ଉଦ୍ୟମ (ସ୍ୱୟଂ), ଅମୃତ ପ୍ରୋଜେକ୍ଟ, ଚାଷୀମାନଙ୍କଠାରୁ ଧାନ ସଂଗ୍ରହ, ମଣ୍ଡି ଭିତ୍ତିଭୂମି, ସାଧାରଣ ବଣ୍ଟନ ବ୍ୟବସ୍ଥା, ଜାତୀୟ ସାମାଜିକ ସୁରକ୍ଷା ଯୋଜନା, ମଧୁବାବୁ ପେନସନ ଯୋଜନା, କୃଷକମାନଙ୍କ ପାଇଁ ରିହାତି ଦରରେ ସୁଧ, ଗ୍ରାମ୍ୟ ବିଦ୍ୟୁତିକରଣ, ଗ୍ରାମ୍ୟ ଶିଳ୍ପ ପାର୍କ, ଜିଲ୍ଲାସ୍ତର ଏବଂ ଉପ ଜିଲ୍ଲାସ୍ତରରେ ଅଭିଯୋଗ ଶୁଣାଣି, ଜନ ଶୁଣାଣି ପୋର୍ଟାଲ ରେ ଶୁଣାଣି ହୋଇନଥିବା ଅଭିଯୋଗ, ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସୁଭଦ୍ରା ଯୋଜନାରେ ଏବେ ସୁଦ୍ଧା ୪୭୩୭୪୫ ଟି ଆବେଦନ ପଞ୍ଜିକରଣ ହୋଇଥିବାବେଳେ ୭୯୭୬ ଆବେଦନ ଖାରଜ ହୋଇଥିବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ । ଖାରଜ ଆବେଦନ ଗୁଡ଼ିକ ବ୍ଲକ ସ୍ତରରେ ତନ୍ନଖି କରାଯିବ । ଚଳିତ ବର୍ଷ ଧାନକ୍ରୟ ନିମନ୍ତେ ୫୩,୧୭୭ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ୧୨୭ ଟି କୃଷି ସମବାୟ ସମିତି ଜରୀଆରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ । ଧାନ ମଣ୍ଡିରେ ନୋଡାଲ ଅଧିକାରୀ ଓ ୪/୫ ଟି ମଣ୍ଡିକୁ ନେଇ ସୁପରଭାଇଜର ନିୟୋଜିତ ହେବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ନୋଡାଲ ଅଧିକାରୀମାନେ ପ୍ରଚାର ପ୍ରସାର ମାଧ୍ୟମରେ ଚାଷୀମାନଙ୍କୁ ସଚେତନ କରାଇବେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଶୁଭେନ୍ଦ୍ର କୁମାର ସାମଲ, ସପନ କୁମାର ନନ୍ଦ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶୋକ କୁମାର ହ୍ୱେରିଆ, ଉପ ଜିଲ୍ଲାପାଳ ଅଂଶୁମାନ ଶତପଥୀ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅପରାହ୍ନରେ ନିର୍ଦ୍ଦେଶିକା ଶ୍ରୀମତୀ ପଣ୍ଡା ବରୁଆଁ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଠାରେ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଗୁଡିକର ଏଚ.ଆର. ଏବଂ ସି.ଏସ. ଆର ମୁଖ୍ୟ ମାନଙ୍କ ସହ ଜିଲ୍ଲାରେ ଦକ୍ଷତା ବିକାଶ ସମ୍ବନ୍ଧୀୟ ଆଲୋଚନା କରିଥିଲେ ।

# ଜଗତସିଂହପୁର ବିଡିଓ ନେଲେ ତିର୍ତ୍ତୋଲ ବ୍ଲକ ଦାୟିତ୍ୱ



**ତିର୍ତ୍ତୋଲ, ନ୍ୟୁଜ ବ୍ୟୁରୋ**

ତିର୍ତ୍ତୋଲ ବିଡିଓ ତପନ କୁମାର ସେନାପତିଙ୍କ ମାଲକାନଗିରି ବଦଳିପରେ ବିଡିଓ ପଦବୀ ଖାଲି ପଡିଥିଲା । ଜଗତସିଂହପୁର ବ୍ଲକ ବିଡିଓ ଆଶୁତୋଷ ମିଶ୍ର ତିର୍ତ୍ତୋଲ ଅତିରିକ୍ତ ବିଡ଼ିଓ ଭାବେ ଦାୟିତ୍ୱ ନେଇଛନ୍ତି । ବିଡିଓ ଶ୍ରୀ ମିଶ୍ରଙ୍କୁ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟଜିତ ସ୍ୱାଇଁ, ପଂଚାୟତ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ମହାପାତ୍ର, କ୍ୟାସିଅର କୃତିବାସ ସାହୁ, ଯୋଗାଣ ଅଧିକାରୀ ବାବୁଲାଲ ବାରିକ, ବ୍ଲକ ପ୍ରକଳ୍ପ ଅଧିକାରିଣୀ ପ୍ରିୟମ୍ବଦା ପଶାୟତ, ବ୍ଲକ ବଡ଼ବାବୁ ପ୍ରଭାସ ରାଉତ, ଆସିଷ୍ଟାଣ୍ଟ ଇଞ୍ଜିନିଅର କ୍ଷିତୀଶ ପଣ୍ଡାଙ୍କ ସମେତ ବ୍ଲକ କର୍ମଚାରୀମାନେ ପୁଷ୍ପଗୁଚ୍ଛଦେଇ ସ୍ୱାଗତ ଜଣାଇଥିଲେ ।

# ସାମାନ୍ୟ ପବନରେ ଭାଙ୍ଗିଲା ପୂଜା ତୋରଣ

**କଟକ, ନ୍ୟୁଜ ବ୍ୟୁରୋ**

ସାମାନ୍ୟ ପବନରେ ଭାଙ୍ଗିଲା ଦଶହରା ପାଇଁ ବନ୍ଧା ଯାଇଥିବା ବାଉଁଶ ଗେଟ୍ । ଗେଟ୍ ତଳେ ଚାପି ହୋଇ ରହିଛି ୫ଟି ବାଇକ୍, ଗୋଟିଏ କାର୍ ଓ ଟାଟା ଏସି । କାହାର କୌଣସି କ୍ଷତି ହୋଇନଥିବା ଜଣାପଡିଛି । କଟକ ଖାନାଗର ନେତାଜୀ ବସଟର୍ମିନାଲ ନିକଟରେ ଘଟିଛି ଏହି ଅଘଟଣ । ଦଶହରାରେ ତ୍ୱରଣ ନିର୍ମାଣକୁ ନେଇ ହାଇକୋର୍ଟ କଡା ତାଗିଦ କରିଥିଲେ । ତୋରଣ ନିର୍ମାଣ ସମୟରେ ଯେପରି ଲୋକଙ୍କ ଧନଜୀବନ କ୍ଷତି ନ ହେବ ଏହାସହ ଟ୍ରାଫିକ ସମସ୍ୟା ନ ଉପୁଯିବ ସେଥିପ୍ରତି ବିଶେଷଭାବେ ଧ୍ୟାନ ଦେବାପାଇଁ କହିଥିଲେ କୋର୍ଟ । ହେଲେ ସମୟ ପାଖାପାଖି ୨ ଟା ହଠାତ୍ ଗଳି ପଡ଼ିଥିଲା ଏହି ତୋରଣ । ନେତାଜୀ ସୁଭାଷ ବସ ଟର୍ମିନାଲ ସମ୍ମୁଖରେ ଖାନନଗର ପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଇଥିବା ଇଲେକ୍ଟ୍ରିକ ତୋରଣ ଭାଙ୍ଗିଯାଇ ରାସ୍ତା ଉପରେ ପଡ଼ିଯାଇଥିଲା । ସୌଭାଗ୍ୟ ବସତଃ ରାସ୍ତା ଉପରେ କେହି ଯାଉନଥିବାବେଳେ ପାର୍କିଂ ହୋଇଥିବା ଗୋଟିଏ କାର, ଦୁଇଟି ଅଟୋ, ତିନୋଟି ବାଇକ ଭାଙ୍ଗି ଯାଇଛି । ତୋରଣଟି ରାସ୍ତା ଉପରେ ପଡ଼ିଯାଇଥିବାରୁ ଦିର୍ଘ ସମୟ ଧରି ଶହ ଶହ ଗାଡି ଅଟକିରହିଥିଲା । ଏମିତିକି ଆମ୍ବୁଲାନ୍ସ ମଧ୍ୟ ଫଶିରହିଥିଲା । ପୂଜା କମିଟିର ସଦସ୍ୟ ସହ ପୋଲିସ କର୍ମଚାରୀ ରାସ୍ତାକୁ ଦୀର୍ଘ ସମୟ ଧରି ରାସ୍ତା କ୍ଲିୟର କରାଇଥିଲେ ।

# ଜାନୁଆରୀ ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ହେବ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା

**ବରଗଡ଼, ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ନେଇ ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି କାର୍ଯ୍ୟକାରୀ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ୭୬ ତମ ଧନୁଯାତ୍ରା ମହୋତ୍ସବର ଆୟବ୍ୟୟ ଉପରେ ବିଷଦ ଆଲୋଚନା ହୋଇଥିଲା । ଗତବର୍ଷ ଧନୁଯାତ୍ରାରେ ୨ କୋଟି ୧ ଲକ୍ଷ ୬୮ ହଜାର ୩୪୭ ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ଧନୁଯାତ୍ରା ମହୋତ୍ସବରେ ଖର୍ଚ୍ଚରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିବା ବେଳେ ଧନୁଯାତ୍ରା ଆୟ ବ୍ୟୟ ନେଇ ସ୍ୱତନ୍ତ୍ର ଅଡିଟ କରାଯିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିର୍ଦ୍ଦେଶ ଦେଇଥିଲେ । ଏହି ଉପଲକ୍ଷେ ସଭା ପ୍ରାରମ୍ଭରୁ ୨୩ ବର୍ଷ ଧରି ଧନୁଯାତ୍ରା ମହୋତ୍ସବରେ ଅଭିନୟ କରିଥିବା ଅଭିନେତା ଗୋପାଳ ସାହୁଙ୍କ ଅକାଳ ବିୟୋଗ ନେଇ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଆସନ୍ତା ଜାନୁଆରି ୩ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ୭୭ ତମ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ । ଏନେଇ ବୈଠକରେ ସୂଚନା ଦେଲେ କମିଟି ସମ୍ପାଦକ ସୁରେଶ୍ୱର ଶତପଥୀ । ଏବର୍ଷ ଧନୁଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣ ଓ କଳାକାର ମାନଙ୍କ ଉତ୍କୃଷ୍ଟ ମାନର ନିଖୁଣ ଅଭିନୟ କରାଯିବ । ଏହି ବୈଠକରେ ବିଭିନ୍ନ କମିଟିର ଖର୍ଚ୍ଚ ଉପରେ ଆଲୋଚନା ହୋଇଥିବା ବେଳେ ପ୍ରଚାର ପ୍ରସାର କମିଟିର ଆଠ ଲକ୍ଷ ଟଙ୍କା କେମିତି ଖର୍ଚ୍ଚ ହେଉଛି ବୋଲି ଜଣେ ବରିଷ୍ଠ ସଦସ୍ୟ ପ୍ରଶ୍ନ କରିଥିଲେ । ପ୍ରଚାର ପ୍ରସାର କମିଟିର ଶତାଧିକ ସାମ୍ବାଦିକ ଦିନ ଦୁଇ ଟାରୁ ରାତି ୧୧ ଟା ଯାଇ ଅକ୍ଲାନ୍ତ ପରିଶ୍ରମ କରି ନିଜ ନିଜର ଖବର ପ୍ରସାରଣ କରିଥାନ୍ତି । କେହି ପାରିଶ୍ରମିକ ବି ନେଇ ନ ଥାଆନ୍ତି । ପ୍ରଥମ ଦିନରେ ସାଂସ୍କୃତିକ ଶୋଭାଯାତ୍ରାରେ ଯାହା କିଛି ବେଶୀ ଖର୍ଚ୍ଚ ହୁଏ ଆଉ ଅଲଗା କିଛି ନୁହେଁ । ଏମିତି ଗୋଟେ ଆରୋପ ଆସିବା ପରେ ବରିଷ୍ଠ ସାମ୍ବାଦିକ ରଞ୍ଜନ ଦେବତା କହିଲେ ଚଳିତ ବର୍ଷ ସେ ସବୁ ଦାୟିତ୍ୱ ଜିଲ୍ଲା ପ୍ରଶାସନ ନେଉ ଆଉ କୌଣସି ସାମ୍ବାଦିକ ନେବେନାହି ବୋଲି କହିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସୁରେଶ୍ୱର ଶତପଥୀ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଭୀଷ୍ମ ଦେବ ସରାଫ, ଗୁଣନିଧି ଦାଶ, ହରଦିପ ସିଂ, ଗୋପାଳ ଦାସ, ସଂଗୀତା ପଣ୍ଡା ଷଡଙ୍ଗୀ, ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଓଏଏସ ଓଡ଼ିଶା ଟପ୍ପର ଶ୍ୱେତାଶ୍ରୀ ଭଦ୍ରକର ଗର୍ବ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ରେ ଟପ୍ପର ହୋଇଛନ୍ତି ଭଦ୍ରକର ଶ୍ୱେତାଶ୍ରୀ ମହାପାତ୍ର । ଶ୍ୱେତାଶ୍ରୀ ହେଉଛନ୍ତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ମହାପାତ୍ରଙ୍କ ସାନ ଝିଅ । ଶ୍ୱେତାଙ୍କ ମା ମଧ୍ୟ ଶିକ୍ଷୟତ୍ରୀ ଅଛନ୍ତି । ସେ ଏବେ ଭଦ୍ରକ ପୁରୁଣାବଜାର ଫେର୍ଜର ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ମୁକ୍ତିକାନ୍ତ ଙ୍କ ନିଜ ଘର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଲୁଙ୍ଗା ପଞ୍ଚାୟତ ଉରୁନିୟା ଗ୍ରାମର ହୋଇଥିବା ବେଳେ ସେ ଏବେ ଭଦ୍ରକ ସହର ଆପ୍ରତିବିନ୍ଧା ନିୟୁ କଲୋନୀ ର ବାସିନ୍ଦା ଅଟନ୍ତି । ଶ୍ୱେତାଶ୍ରୀ ଏନଆଇଟି ଦୁର୍ଗାପୁରରେ



ଏମଟେକ କରିବା ପରେ ଆଇବିଏମ ସଂସ୍ଥା ରେ ଚାକିରୀ କରୁଥିଲେ । ତେବେ ପ୍ରଶାସନିକ ସେବାରେ କାର୍ଯ୍ୟ କରିବାର ମୋହ ତାଙ୍କୁ ଆଇବିଏମ ଚାକିରୀ ଛାଡିବାକୁ ପଡ଼ିଥିଲା । ଓଏଏସ ପାଇଁ ପ୍ରସ୍ତୁତି ତାଙ୍କର ନିଜର ପସନ୍ଦ ଥିଲା ଏବଂ ଏଥିରେ ତାଙ୍କ ବେଙ୍ଗାଲୁରୁରେ କାର୍ଯ୍ୟରତ ସାନଭାଇ ଆଇଆଇଟି ଇଞ୍ଜିନିୟର ଏବଂ କଟକ ଏସସିବିରେ କାର୍ଯ୍ୟରତ ଡାକ୍ତର ବଡ଼ ଭଉଣୀଙ୍କ ପ୍ରେରଣା ଓ ସହଯୋଗ ରହିଥିବା ବାପା ମୁକ୍ତିକାନ୍ତ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ତାଙ୍କ ଝିଅର ଇଚ୍ଛା ସେ ଆଇଏସ ହେବ । ସେଥିପାଇଁ ମଧ୍ୟ ସେ ପ୍ରସ୍ତୁତି ଆରମ୍ଭ କରିସାରିଛି । ଝିଅର ପାଠ ପଢା ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ ଚାକିରୀ ଛାଡି ଦେବା ପରେ ଓଏଏସ ପ୍ରସ୍ତୁତି ପାଇଁ ସେ ସାରା ରାତି ଅନିଦ୍ରା ହୋଇ ପାଠ ପଢୁଥିଲା । ଯାହାକି ତା ପରିଶ୍ରମର ଫଳ ତାକୁ ମିଳିଛି ବୋଲି କହିଛନ୍ତି । ତେବେ ଏଭଳି ଏକ ଖୁସି ଖବର ବେଳେ ଝିଅ ତା' ଭାଇ ଏବଂ ମା ସହିତ ବଡ଼ ଭଉଣୀ ରହୁଥିବା ଭୁବନେଶ୍ୱର ଯାଇଥିବା କହିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୮ / ବୃହ | ୭ | ରା୬ / ଶୁ୫ |
| ୧୦ମ୍ପ | ୪ / ୨ | ୪ |
| ୧୧ / ୧୨କେ | ରବୁଲ | ୩ / ୨ଶ୍ରୁ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୧।୧୦।୨୦୨୪, କାର୍ତ୍ତିକ ଦି୪ନ, ସୋମବାର**

**ସୂର୍ଯ୍ୟୋଦୟ- ପ୍ରାଘ୫।୪୩।୨୪** **ଚନ୍ଦ୍ରୋଦୟ- ରାଘ ୮।୪୦।୧୧**

**ପଞ୍ଚମୀ-** ରାଘ ୨।୩୦ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ପ୍ରାଘ ୬।୫୧ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ସଂଘ ୬।୧୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ସଂଘ ୬।୧୫ ମେଷ, ବୃଷ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ସଂଘ ୬।୧୫ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ରାଘ ୨।୩୦ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୭ ଗତେ ଘ୭।୧୩ ମଧ୍ୟେ । ଦିଘ ୮।୫୧ ଗତେ ଘ ୧୧।୦୮ ମଧ୍ୟେ ।



**ମେଷ:** ସୁଖକର ଘଟଣା ଘଟିପାରେ । କର୍ମକ୍ଷେତ୍ରରେ ସଫଳତା ମିଳିବ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଅନ୍ୟମନସ୍କ ରହିବାର ସୂଚନା । ଗୃହେ ଶାନ୍ତି ଲାଭ ହେବ । ବନ୍ଧୁ ଦର୍ଶନ ସହିତ ସହଯୋଗ ପ୍ରାପ୍ତ ହେବ ।



**ବୃଷ:** ଶତ୍ରୁମାନଙ୍କ ଠାରୁ ପରାସ୍ତ ହେବେ । ମାନସିକ ଶାନ୍ତି ପ୍ରାପ୍ତ ହେବ । ସୁସମ୍ବାଦ ପାଇବେ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟସ୍ତତା ମଧ୍ୟରେ ଦିନଟି କଟିବ । ଠକାମୀର ଶିକାର ହୋଇପାରନ୍ତି । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ । ରୋଜଗାର ମଧ୍ୟମ ଧରଣର ହେବ । କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ । ପାରିବାରିକ କଳହ ଜାତ ହେବ । ନିଜର ସାଧନା ବଳରେ ସିଦ୍ଧି ଲାଭ କରିବେ ।




**କର୍କଟ:** କାର୍ଯ୍ୟକ୍ଷେତ୍ରରେ ବିଳମ୍ବ ପାଇଁ ବିରକ୍ତି ପ୍ରକାଶ ପାଇବ । ଅସହଯୋଗ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁବାନ୍ଧବ ବା କୁଟୁମ୍ବେ କଳହ ସୃଷ୍ଟି ହେବ । ଅଶାନ୍ତିର ସୂତ୍ରପାତ ଘଟିବ । ମନ ଅସ୍ଥିର ରହିବ ।



**ସିଂହ:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଦେବ ଦର୍ଶନର ସୁଯୋଗ ରହିଛି । ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଅତି ଉତ୍ତମ । ଦୂରଯାତ୍ରାରୁ କର୍ମପ୍ରାପ୍ତି । ବନ୍ଧୁ ବା ସହକର୍ମୀଙ୍କ ସହଯୋଗ ଲାଭ କରିବେ ।




**କନ୍ୟା:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମନରେ ଅଶାନ୍ତି ଲାଗି ରହିବ । ଆୟରେ ବାଧା ଆସିପାରେ । ନିଜର ସ୍ୱାଧୀନତା ରହିବନାହିଁ । ଗୃହେ ଶାନ୍ତି ଲାଭ ।



**ତୁଳା:** ପଦସ୍ଥ କର୍ମକର୍ତ୍ତା ବା ଗୁରୁଜନଙ୍କ ଦ୍ୱାରା ପ୍ରଶଂସାପ୍ରାପ୍ତ ହେବ । ନୂତନ କାର୍ଯ୍ୟ ପ୍ରାପ୍ତ ହେବ । ଗୃହରେ ଜଞ୍ଜାଳ ବଢ଼ିବ । ସୁଖ ସମ୍ମାନ ଲାଭ କରିବେ । ଆୟର ପରିମାଣ ପୂର୍ବପରି ରହିବାର ସୂଚନା ।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ଯେଉଁ କାର୍ଯ୍ୟରେ ହାତ ଦେବେ ତାହା ସଫଳ ହେବ । ବିନା ପରିଶ୍ରମରେ ଆୟ ବୃଦ୍ଧି ହେବ । ଦେହ ସୁସ୍ଥ ରହିବ । ମନରେ ଅହଂକାର ଜାତ ହେବାର ସୂଚନା ।



**ଧନୁ:** ଶୁଭ ଖବର ପ୍ରାପ୍ତ ହେବ । ଗୁରୁଜନଙ୍କ ସହଯୋଗ ପ୍ରାପ୍ତ ହେବ । ଦୂର ସ୍ଥାନକୁ ଯାତ୍ରା କରି ଆନନ୍ଦ ଲାଭ କରିବେ । ରୋଜଗାର ମଧ୍ୟମ ହେବ । ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରୁ ଆନନ୍ଦ ଅନୁଭବ କରିବେ । ଗୃହେ ଆନନ୍ଦ ।



**ମକର:** କର୍ମକ୍ଷେତ୍ରରେ ସଫଳତା ମିଳିବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ବିବାଦୀୟ କ୍ଷେତ୍ରରେ ବିଜୟ ଲାଭ କରିବେ । ସୁଖ ଓ ସମ୍ମାନ ଲାଭ କରିବେ । ପାରିବାରିକ ଶାନ୍ତି ବଜାୟ ରହିବ । ଦେହ ଭଲ ରହିବ ।



**କୁମ୍ଭ:** ପ୍ରତ୍ୟେକ କାର୍ଯ୍ୟ ଆପଣଙ୍କର ସଫଳ ହେବ । ଅଧିକ କ୍ଷମତା ହାତକୁ ଆସିବ । ଆଜି ଆପଣଙ୍କର ବିଜୟ ଯୋଗ ରହିଛି । ମନରେ ଭକ୍ତିଭାବ ଜାତ ହେବ । ରୋଜଗାର ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଭଲ ରହିବ । ମନରେ ଅଶାନ୍ତି ଜାତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରୁ ସହଯୋଗ ପ୍ରାପ୍ତ ହେବ । କର୍ମକ୍ଷେତ୍ରରେ ଅବନତି ଯୋଗ । ମହିଳାମାନେ ସୁଖୀ ହେବେ ।

# ଘରେ ଶୋଇଥିବା ବେଳେ ଏସିଡ ମାଡ଼: ବାପା-ପୁଅ ଗୁରୁତର

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ଥାନା ବୁଢ଼ାକୁନ୍ଦେଲ ଗ୍ରାମର ଏକ ଅଭାବନୀୟ ଘଟଣା ଦେଖୁବାକୁ ମିଳିଛି । ବିଳମ୍ବିତ ରାତିରେ ଘରେ ଶୋଇଥିବା ସମୟରେ ଦୁର୍ବୃତ୍ତ ଘରେ ପଶି ଏସିଡ ଫିଙ୍ଗି ପଳେଇ ଯାଇଥିବା ଅଭିଯୋଗ ହୋଇଛି । ଏସିଡ ମାଡ଼ରେ ବାପା ପୁଅ ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ବିଳମ୍ବିତ ରାତିରେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇ ଥିଲା । ଏହା ପରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇ ଥିଲା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୧୦।୨୦୨୪, କାର୍ତ୍ତିକ ଦି୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ପ୍ରାଘ୫।୪୩।୪୭** **ଚନ୍ଦ୍ରୋଦୟ- ରାଘ ୯।୪୦।୦୨**

**ଷଷ୍ଠୀ-** ରାଘ ୧।୨୯ ପର୍ଯ୍ୟନ୍ତ । **ମୃଗଶିରାନକ୍ଷତ୍ର-** ପ୍ରାଘ ୫।୫୨ ପର୍ଯ୍ୟନ୍ତ । ଆର୍ଦ୍ରାକ୍ଷୟ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୧/୨୯ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୭ ଗତେ ଘ୭।୩୩ ମଧ୍ୟେ । ଦିଘ ୮।୪୦ ଗତେ ଘ ୧୧।୦୮ ମଧ୍ୟେ ।

ସମ୍ପାଦକୀୟ

30 YEARS ସମ୍ବାଦ କଳିକା

# ନିଯୁକ୍ତି ସୃଷ୍ଟିରେ ଓଡ଼ିଶା ଆଗରେ

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି। ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି। ମାଇଁ ଆରକ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି। ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି। ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍‌ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା। ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା। ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା। ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କଂପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେଷ୍ଟୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି। ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି। ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗେ (୨)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରେ)

ଦେବୀ ଦୁର୍ଗା ଭଗବାନଙ୍କ ମୋହିନୀଶକ୍ତି। ଏହି ମୋହିନୀ ଶକ୍ତି ଶ୍ରୀକୃଷ୍ଣ, ଦୁର୍ଗା, ଭଦ୍ରକାଳୀ, ବିଜୟା, ବୈଷ୍ଣବୀ, କୁମୁଦା ଚଣ୍ଡିକା, କୃଷ୍ଣା, ମାଧବୀ ଚଣ୍ଡିକା, କନ୍ୟାବାମାୟ, ନାରାୟଣୀ, ଶାରଦା, ଅମ୍ବିକା ଭାବେ ପରିଚିତା। ଏଇ କଥାଟି ଶ୍ରୀମଦ୍ ଭଗବତ ଗୀତାରେ ବର୍ଣ୍ଣିତ। ଏହି ମୋହିନୀ ଶକ୍ତି ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ ପାଇ ଦେବକୀ ଗର୍ଭରୁ ବଳରାମକୁ ନେଇ ରୋହିଣୀ ଗର୍ଭରେ ସ୍ଥାନିତ କରିଥିଲେ। ରୋହିଣୀ ଶକ୍ତି ଅତ୍ୟନ୍ତ ପରାକ୍ରମଶାଳୀ, ଏହା ଜୀବ ହୃଦୟରେ ରହି ଯନ୍ତ୍ରାରୂଢ଼ ପିତୁଳା ସମ ସମସ୍ତଙ୍କୁ ଚଳାଉଛି। କଂସାସୁର ଏହାକୁ ଶୀଳାପୃଷ୍ଠରେ ପିଟିଲା ବଦ୍ଧ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲା। ସେତେବେଳେ ତାଙ୍କ ଅଷ୍ଟଭୁଜରେ ଥିଲା ଧନୁ, ଶୂଳ, ବାଣ, ଚର୍ମ, ଅସି, ଶଙ୍ଖ, ଚନ୍ଦ୍ର, ଗଦା। ସେ କେତେବେଳେ ପୁଂ ତ କେତେବେଳେ ସ୍ତ୍ରୀ।

ଶ୍ରୀଦୁର୍ଗା ଶ୍ରୀକୃଷ୍ଣଙ୍କର ଶକ୍ତି। ପରସ୍ପର ଅଭିନ୍ନ ମଧ୍ୟ। ସାଂଖ୍ୟ ଦର୍ଶନର ପ୍ରକୃତି ହିଁ ବେଦାନ୍ତର ମାୟା। ତାହା ଯୋଗମାୟା, ମହାମାୟା, ଆଦ୍ୟାଶକ୍ତି, ଚଣ୍ଡୀ, କାଳୀ, ଦୁର୍ଗା। କୃଷ୍ଣଙ୍କ ମାୟା ଦେବଦାନବ, ମନୁଷ୍ୟ, କିନ୍ନରଙ୍କୁ ଅଗୋଚର, ଠିକ୍ ସେମିତି ଦେବୀଦୁର୍ଗା। ଉଭୟ କୃଷ୍ଣ, ଦୁର୍ଗାଙ୍କର ଅଭିନ୍ନତ୍ୱ ସମ୍ପର୍କରେ କୁହାଯାଇଛି - "ଯଃ କୃଷ୍ଣଃ ସୈବ ଦୁର୍ଗାସ୍ୟାତ୍, ଯା ଦୁର୍ଗା କୃଷ୍ଣ ଏବ ସହଃ।"

'ଦୁର୍ଗମ' ରାକ୍ଷସକୁ ବଧ କରିଥିବାରୁ ଦେବୀ ଦୁର୍ଗା ଭାବେ ପରିଚିତା। ଦୁର୍ଗା ନାମଟି କିଞ୍ଚିତ୍ ପ୍ରାଚୀନ। ବୈତ୍ତେରୀୟ ଆରଣ୍ୟକରେ ଗୋଟେ ସ୍ଥାନରେ ଏହି ଦେବୀଙ୍କର ଗାୟତ୍ରୀ ମନ୍ତ୍ରଟିଏ ରହିଛି - "କତ୍ୟାୟନାୟ ତନ୍ମୟେ, କନ୍ୟାକୁମାରୀ ଧୀମହି
ତନ୍ନୋ ଦୁର୍ଗିଃ ପ୍ରଚୋଦୟାତ୍।" ଏଠାରେ ଦୁର୍ଗ, ଦୁର୍ଗି ରୂପରେ ବର୍ଣ୍ଣିତା। ତୈତ୍ତିରୀୟ ଆରଣ୍ୟକରେ ଦେବୀଙ୍କ ସମ୍ପର୍କରେ କୁହାଯାଇଛି - "ତମାଗ୍ନିଂବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ, ବୈରୋଚନୀଂ କର୍ମଫଳଷୁ ଦୁଷ୍ଟାମ୍" ଅର୍ଥାତ୍ ଯାହାଙ୍କ ବର୍ଣ୍ଣ ଅଗ୍ନିତୁଲ୍ୟ, ତପ ଶକ୍ତି ଜାଜ୍ୱଲ୍ୟମାନ, ଯେ ସ୍ୱୟଂ ପ୍ରକାଶମାନା, ଯେ ଐହିକ, ପରଲୌକିକ, ସେହି ଦୁର୍ଗାଙ୍କ ଶରଣାପନ୍ନ ହେଉଛି। ସେଇ ଦେବୀଦୁର୍ଗା ଦୁର୍ଦ୍ଦାନ୍ତ ମହିଷାସୁରକୁ ବଧ କରିଥିବା ପ୍ରସଙ୍ଗ ବିଭିନ୍ନ ପୁରାଣରେ ବର୍ଣ୍ଣିତ। ଶୁମ୍ଭ, ନିଶୁମ୍ଭ, ଏ ଦୁଇ ମହିଷାର ସହଯୋଗୀ, ଏମାନଙ୍କୁ ଦେବୀ ବିଭୂତି ସ୍ୱରୂପିଣୀ କୌଶିକୀଦେବୀ ସେମାନଙ୍କୁ ନିଧନ କରିଛନ୍ତି। ଚାରୁ, ନେତ୍ର, ଅନ୍ଧକ, ଦୁର୍ଗମ ଆଦି ଅସୁରଙ୍କୁ ଦେବୀ ସ୍ୱୟଂ ବିନାଶ କରିଛନ୍ତି। ଏହା ମଧ୍ୟ ବିଭିନ୍ନ ପୁରାଣ ମାନଙ୍କରେ ବର୍ଣ୍ଣିତ। ଏମାନଙ୍କ ସହ ଯୁଦ୍ଧ ସମୟରେ ଦେବୀଙ୍କ ଧୀର, ଶାନ୍ତ, କମନୀୟ ସ୍ୱଭାବ ମ୍ଳାନ ପଡ଼ିଛି। ଦେବୀ ଭୟଙ୍କର ଉଗ୍ରରୂପ ଧାରଣ କରିଛନ୍ତି। ଏଥିପାଇଁ ଯୁଦ୍ଧଜୟ, ଶତ୍ରୁବିନାଶ ପାଇଁ ଦୁର୍ଗାଙ୍କ ଆଶୀର୍ବାଦ ଲୋଡ଼ା, ବିଶେଷ କରି ମହିଷାମର୍ଦ୍ଦିନୀଙ୍କୁ ହିଁ ଉପାସନା କରାଯାଇଥାଏ। ଉଗ୍ରରୂପୀ ଦୁର୍ଗାଙ୍କ ଉପାସନାରେ ମଦ୍ୟ, ମାଂସ ବ୍ୟବହୃତ ହେବା କଥା ମଧ୍ୟ ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣିତ। ମହିଷା ନିଧନପରେ ସମସ୍ତ ଦେବଦେବୀ ତାଙ୍କୁ ପ୍ରଣତି ଜଣାଇଛନ୍ତି, ସ୍ତୁତି କରିଛନ୍ତି। ମାର୍କଣ୍ଡେୟ ପୁରାଣରୁ ସେଇ ସ୍ତୁତିର ବର୍ଣ୍ଣନା ରହିଛି। ଏଥିରେ ମା'ଙ୍କୁ ଭବସାଗର ପାରି କରିବା ପାଇଁ ଆକୁଳ ପ୍ରାର୍ଥନା ରହିଛି। ତତ୍ ସହିତ ତାଙ୍କୁ ମେଧା, ସରସ୍ୱତୀ, ଲକ୍ଷ୍ମୀ ଆଖ୍ୟା ଦିଆଯାଇଛି। ମହାପ୍ରତାପୀ ମହିଷା ନିଧନ ହୋଇଛି। ଦେବୀଙ୍କ ଗୁଣ, ମହିମାଦି ବର୍ଣ୍ଣନା କରି ଦେବତାମାନେ ତାଙ୍କୁ ଆରାଧନା କରିଛନ୍ତି। ନନ୍ଦନକାନନ ପୁଷ୍ପ, ସୁଗନ୍ଧିତ ଧୂପ, ଦୀପ ଦ୍ୱାରା ବନ୍ଦାପନା କରିଛନ୍ତି। ଦେବୀ ପ୍ରସନ୍ନ ଚିତ୍ତରେ ସେମାନଙ୍କୁ ବରଟିଏ ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଯେଉଁ ମନୁଷ୍ୟ ତାଙ୍କୁ ସ୍ତୁତି କରିବ, ତାହାର ଧନ, ଜନ, ମାନ, ଗୌରବ ରକ୍ଷା ହେବ, ସେ ଶତ୍ରୁଜୟୀ ହେବ - ଏହି ବରଟି ମାଗିଛନ୍ତି। ଦେବୀ ତଥାସ୍ତୁ କରିଛନ୍ତି। ଦେବୀଙ୍କର କୃପା ପାଇଁ ଶାରଦୀୟ ଦୁର୍ଗୋତ୍ସବରେ ମହିଷାମର୍ଦ୍ଦିନୀଙ୍କ ମୃଣ୍ମୟୀ ମୂର୍ତ୍ତିର ପୂଜାରାଧନା କରାଯାଇଥାଏ।

ପ୍ରଥମାବସ୍ଥାର ଦେବୀ ସୌମ୍ୟା, ଶକ୍ତି ସ୍ୱରୂପିଣୀ, ଶାନ୍ତି ପ୍ରଦାୟିନୀ ଭାବେ ବର୍ଣ୍ଣିତା। ପରେ ତାଙ୍କର ଉଗ୍ରରୂପ ପ୍ରକାଶ ପାଇଛି। ସେ ମହାପ୍ରତାପୀ ମହିଷା ପରି ଅନେକ ନିଷ୍ଠୁର ଦାନବଙ୍କୁ ନିଧନ କରିଛନ୍ତି, ଜଗତରେ ସୁଖଶାନ୍ତି, ଆନନ୍ଦ ବିତରଣ କରିଛନ୍ତି। ଏଇ ପ୍ରସଙ୍ଗଟି ବିଭିନ୍ନ ପୁରାଣମାନଙ୍କରେ ବର୍ଣ୍ଣିତ। ମହିଷାମର୍ଦ୍ଦିନୀ ଭାବେ ତାଙ୍କର ପୂଜୋପାସନା ମଧ୍ୟ ସର୍ବତ୍ର ପରିଲକ୍ଷିତ। ଦେବୀ ମହିଷାମର୍ଦ୍ଦିନୀ ରୂପେ କେଉଁ ସମୟରୁ ପୂଜିତା, ଏ ନେଇ ଇତିହାସ ନିରବ। ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ଏହି ପରମ୍ପରା ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ। ପଡ଼ୋଶୀ ବଂଗଦେଶରେ ମା' ଦୁର୍ଗାଙ୍କ ଉପାସନା ସାର୍ବଜନୀନ। ସେଠାରେ ଦେବୀ ମୃଣ୍ମୟୀ ମୂର୍ତ୍ତି ରୂପେ ଆରାଧିତା। ଏଇ ପରମ୍ପରାଟି ବହୁଳ ଭାବରେ ଓଡ଼ିଶାରେ ପ୍ରଚଳିତ। ପ୍ରାରମ୍ଭିକ ଅବସ୍ଥାରେ ଗୃହସ୍ଥମାନେ ଦୁର୍ଗାଙ୍କୁ ସ୍ୱଗୃହରେ ପୂଜା କରୁଥିଲେ। ସମୟକ୍ରମେ ସର୍ବସାଧାରଣରେ, ଦେବୀମଣ୍ଡପମାନଙ୍କରେ ସେହି ପୂଜା ଅନୁଷ୍ଠିତ ହେଉଛି। ମା' ସ୍ୱୟଂ ପ୍ରକାଶମାଣା, ସେ ଐହିକ, ପରଲୌକିକ କର୍ମଫଳ ପ୍ରାପ୍ତିନିମନ୍ତେ ଉପାସନୀୟା, ତାଙ୍କରି ଶରଣାପନ୍ନ ହେଲେ ଅଭୟ ମିଳେ। ସଂସାରର ଶୋକ, ତାପ, ଦୁଃଖ ନାଶ ଯାଏ। ଭବ ବନ୍ଧନରୁ ମୁକ୍ତି ମିଳିଥାଏ।

ଦେବୀ ଦୁର୍ଗାଙ୍କ ଦ୍ୱାରା ମହିଷା ନିଧନ ପ୍ରସଙ୍ଗଟି ବିଭିନ୍ନ ପୁରାଣରେ ବର୍ଣ୍ଣିତ। କେବଳ ପରାକ୍ରମୀ ଦୈତ୍ୟ ମହିଷା ନୁହେଁ, ତା'ର ସହଯୋଗୀ ଶୁମ୍ଭ-ନିଶୁମ୍ଭ ତଥା ଅନ୍ୟ ଅସୁରଙ୍କୁ ସେ ନିଧନ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ରାକ୍ଷସ ରୁରୁ, ବେତ୍ର, ଅନ୍ଧକ, ଦୁର୍ଗ। ମାର୍କଣ୍ଡେୟ ପୁରାଣରେ ଦେବୀ ଦୁର୍ଗାଙ୍କର ଆବିର୍ଭାବ ସମ୍ପର୍କରେ ବିଷଦ ବର୍ଣ୍ଣନା ରହିଛି। ଦେବୀ ଦୁର୍ଗା ସର୍ବସାଧାରଣରେ ଚଣ୍ଡୀ ନାମେ ଖ୍ୟାତ। ଏହି ପୁରାଣଟିରେ ଦେବୀ ବର୍ଣ୍ଣନା ୮୧ରୁ ୯୩ ପର୍ଯ୍ୟନ୍ତ ୧୩ ଅଧ୍ୟାୟ ବ୍ୟାପି ରହିଛି। ଉପଲବ୍ଧ ଚଣ୍ଡୀ ପୁରାଣରୁ ଏହି ତେର ଅଧ୍ୟାୟ ପାଠ କରାଯାଏ। ଏହା ୭୦୦ ଶ୍ଳୋକ ବିଶିଷ୍ଟ, ଦୁର୍ଗା ସପ୍ତଶତୀ। ଏଥିରେ ବର୍ଣ୍ଣିତ ମହିଷା ପ୍ରସଙ୍ଗ ଅତି ପ୍ରାଞ୍ଜଳ। ଦେବରାଜ ଇନ୍ଦ୍ର, ଅସୁରରାଜା ମହିଷା ମଧ୍ୟରେ ଏକବର୍ଷ ବ୍ୟାପୀ ସମର ହେଲା, ଇନ୍ଦ୍ର ପରାଜିତ ହେଲେ। ଦେବତାମାନେ ଗ୍ଳାନି, ଦୁଃଖ, ଅବଷାଦଗ୍ରସ୍ତ। ଶେଷରେ ଭଗବାନ ବିଷ୍ଣୁ, ଶିବ, ବ୍ରହ୍ମାଙ୍କୁ ରାକ୍ଷସ ନିଧନ ପାଇଁ ସ୍ତୁତି କଲେ। ଏହି ତିନି ମୁଖ୍ୟ ଦେବତାଙ୍କ ମୁଖରୁ ଉତ୍ପନ୍ନ ହେଲା ମହାତେଜ। ଇନ୍ଦ୍ରାଦି ଅନ୍ୟ ଦେବତାମାନଙ୍କ ମୁଖରୁ ମଧ୍ୟ ତେଜ ଜାତ ହେଲା। ଏ ଦୁଇଟି ସଂଯୋଗ ହେବା ମାତ୍ରେ ଲେଲିହାନ ଦ୍ୟୁତି ଚତୁର୍ଦ୍ଦିଗକୁ ବ୍ୟାପିଲା। ତନ୍ମଧ୍ୟରୁ ଜାତହେଲେ ଏକ ତେଜୋଦୀପ୍ତା ନାରୀମୂର୍ତ୍ତି। ସେ ମୂର୍ତ୍ତିର ମୁଖ, କେଶଗୁଚ୍ଛ, ବାହୁସମୂହ, ସ୍ତନଯୁଗଳ, ଶରୀର ମଧ୍ୟଭାଗ, ଜଙ୍ଘ, ଉରୁ, ନିତମ୍ବ, ଦୁଇପାଦ, ପଦ ଅଙ୍ଗୁଳି ସମୂହ, ହସ୍ତାଙ୍ଗୁଳି, ନାସିକା, ଦନ୍ତପନ୍ତି, ତିନିଚକ୍ଷୁ, ଭୃଲତାଯୁଗଳ, କର୍ଣ୍ଣଦ୍ୱୟ ଯଥାକ୍ରମେ ଶିବ, ଯମ, ବିଷ୍ଣୁ, ସୋମ, ଚନ୍ଦ୍ର, ବରୁଣ, ପୃଥିବୀ, ବ୍ରହ୍ମା, ସୂର୍ଯ୍ୟ, ବସୁ, କୁବେର, ପ୍ରଜାପତି, ଅଗ୍ନି, ସନ୍ଧ୍ୟା ଆଦି ଦେବାଦେବୀଙ୍କ ତେଜରୁ ଉତ୍ପନ୍ନ ହେଲା। ଅନ୍ୟ ସବୁ ଦେବତାଙ୍କ ତେଜରୁ ଦେବୀଙ୍କ ଶରୀରର ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଜାତ ହେଲା। ଦେବାଦେବୀମାନେ ସେମାନଙ୍କ ଶ୍ରେଷ୍ଠାସ୍ତ୍ରରେ ତାଙ୍କୁ ସଜାଇ ଦେଲେ। ମହିଷାଦି ରାକ୍ଷସଙ୍କୁ ବଧକରିବା ପାଇଁ କୁବେର ପ୍ରଦାନ କଲେ ସୁରାପୂର୍ଣ୍ଣ ପାତ୍ର। ସିଂହବାହନରୂଢ଼ା ଦେବୀ ମୋହିନୀ ମୂର୍ତ୍ତି ଧାରଣ କଲେ। ଦାନବ ମହିଷା ସହ ହେଲା ଘୋର ଯୁଦ୍ଧ। ନିଧନ ହେଲା ମହିଷା, ଇନ୍ଦ୍ର ପୁଷ୍ପ ବୃଷ୍ଟି କଲେ। ଦେବତମାନେ ଦେବୀଙ୍କ ଗୁଣ, ଗରିମା, ମହିମା, ଶକ୍ତି, ସୌର୍ଯ୍ୟରେ ମୁଗ୍ଧହୋଇ ସ୍ତବପାଠ କଲେ - "ମେଧାସି ଦେବିଂ ବଦିତାଖିଳଶାସ୍ତ୍ରସାରା ଦୁର୍ଗାସି ଦୁର୍ଗ ଭବସାଗର ନୌରସଙ୍ଗା / ଶ୍ରୀଃ କୈଟଭାରି ହୃଦ ଯୈବକୃତାଧିବାସା ଗୌରୀ ତ୍ୱମେବ ଶଶିମୌଳିକୃତ ପ୍ରତିଷ୍ଠା॥"

ଏଥିରେ ଦେବୀଙ୍କୁ ଦୁର୍ଗାନାମରେ ନାମିତ କରାଯାଇଛି। ସେ ସଂସାର ବାରିଧି ପାରି ନିମିତ୍ତ ନୌକା ସଦୃଶ ସହାୟକ ହୁଅନ୍ତି। ଏଥି ସହିତ ଦେବୀଙ୍କୁ ମେଧା (ସରସ୍ୱତୀ), ଶ୍ରୀ (ଲକ୍ଷ୍ମୀ), ଗୌରୀ ବା ପାର୍ବତୀ ଭାବେ ଚିତ୍ରଣ କରାଯାଇଛି ମାର୍କଣ୍ଡେୟ ପୁରାଣରେ।

ଶାରଦୀୟ ଦୁର୍ଗୋତ୍ସବକୁ ନେଇ କିମ୍ବଦନ୍ତୀଟିଏ। ଶ୍ରୀରାମଚନ୍ଦ୍ର ଶରତ କାଳରେ ଦେବୀଙ୍କୁ ପୂଜାରାଧନାରେ ସନ୍ତୁଷ୍ଟ କରି ରାବଣ ନିଧନ କରିଥିଲେ। ଦେବୀ ଭାଗବତରେ ମଧ୍ୟ ଏହି କଥାଟି ବର୍ଣ୍ଣିତ। ବଙ୍ଗଦେଶର ଶାରଦୀୟ ଦୁର୍ଗାପୂଜା ସମ୍ପର୍କୀୟ ଏ କିମ୍ବଦନ୍ତୀଟି ବହୁଳ ପ୍ରଚଳିତ। ଓଡ଼ିଶାର ପ୍ରଥା ପରମ୍ପରା ଅନୁଯାୟୀ ଭାଦ୍ରବମାସଟି ଦେବଶୟନ ମାସ। ଏ ସମୟରେ ସମସ୍ତ ଦେବଦେବୀ ସୁପ୍ତ। ଆଶ୍ୱିନ ମାସରେ ସେମାନଙ୍କ ନିଦ୍ରାଭଙ୍ଗ ହୁଏ। ଏହି ସମୟ ହିଁ ଦେବୀ ଉପାସନା ପାଇଁ ପ୍ରକୃଷ୍ଟ ସମୟ। ଆଶ୍ୱିନ ମାସ ଶୁକ୍ଳପକ୍ଷ ସପ୍ତମୀ, ଅଷ୍ଟମୀ, ନବମୀ ତିଥିରେ ମହିଷା ମର୍ଦ୍ଦିନୀଙ୍କ ମୃଣ୍ମୟୀ ମୂର୍ତ୍ତି ଉପାସିତା ହୁଅନ୍ତି। ଦଶମୀ ତିଥିରେ ଦେବୀଙ୍କ ବିସର୍ଜନ। ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠରେ ଉପାସନା ଶାରଦୀୟ ଦୁର୍ଗାପୂଜାର ଆଉ ଏକ ବୈଶିଷ୍ଟ୍ୟ।

କଟକ ସହର ଦୁର୍ଗାପୂଜା ପାଇଁ ପ୍ରସିଦ୍ଧ। ପରେ ଏହା ଅନ୍ୟତ୍ର ସଂପ୍ରସାରିତ। ବିଶେଷକରି ଏହି ପୂଜା ପରମ୍ପରା ବଙ୍ଗଦେଶ ଅନୁକରଣରେ ଆରମ୍ଭ ହୋଇଛି। ବଙ୍ଗୀୟ ଜମିଦାର ଶ୍ୟାମାକାନ୍ତ ଚକ୍ରବର୍ତ୍ତୀ, କଟକର ସ୍ଥାୟୀ ବାସିନ୍ଦା ହେଲେ। କଟକ ବିନୋଦବିହାରୀ ମଠରେ ଖ୍ରୀ.ଅ. ୧୬୦୦ ବେଳକୁ ମହିଷାମର୍ଦ୍ଦିନୀଙ୍କ ପୂଜା ଆରମ୍ଭ କରିଥିଲେ। ଏକଦା କଟକ ଥିଲା ଓଡ଼ିଶାର ରାଜଧାନୀ। ଅନେକ ରାଜା, ଜମିଦାର ବିଭିନ୍ନ କାମରେ କଟକ ଆସୁଥିଲେ। ସେମାନେ କଟକ ଦୁର୍ଗାପୂଜାରେ ଅନୁପ୍ରାଣିତ ହେଲେ। ନିଜ ନିଜ ଇଲାକାରେ ତାହା ପ୍ରଚଳନ କଲେ। ବଙ୍ଗଦେଶରେ ଦୁର୍ଗୋତ୍ସବ ଆରମ୍ଭ ସମ୍ପର୍କରେ ଐତିହାସିକ ମାନଙ୍କ ମତ ପାର୍ଥକ୍ୟ ପରିଲକ୍ଷିତ। କେହି କେହି ବଙ୍ଗଦେଶର ରାଜା ଗଣେଶ (ପଞ୍ଚଦଶ ଶତକ), ଏହି ଉତ୍ସବର ଶୁଭାରମ୍ଭ କରିଥିବା କଥା କହିଲା ବେଳେ, ଷୋଡ଼ଶ ଶତାବ୍ଦୀରେ ଏହାର ଅୟମାରମ୍ଭ ବୋଲି ଅନେକ ମତ ଦିଅନ୍ତି। ଓଡ଼ିଶା ବହୁବର୍ଷ ବଙ୍ଗଦେଶ ଅଧୀନରେ ଥିଲା। ୧୫୯୨ ଖ୍ରୀ.ଅ.ରେ ଏହା ଗୋଗୋଇ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ହେଲା। କିନ୍ତୁ ବଙ୍ଗଦେଶରେ ଅବସ୍ଥାପିତ ସୁବାଦାରଙ୍କ ଦ୍ୱାରା ଶାସିତ ହେଉଥିଲା। ସେ ସମୟରେ ଅନେକ ବଙ୍ଗବାସୀ କର୍ମଲୋଭରେ ଓଡ଼ିଶାରେ ଅବସ୍ଥାପିତ ହେଲେ। ଇଂରେଜମାନଙ୍କ ଓଡ଼ିଶା ଅଧିକାର (୧୮୦୩) ପରେ ଏମାନଙ୍କ ସଂଖ୍ୟା ଦ୍ରୁତ ଭାବେ ବୃଦ୍ଧି ପାଇଲା। ଏହି ବଙ୍ଗାଳୀମାନେ କଟକରେ ବଙ୍ଗୀୟ ଶୈଳୀରେ ଦୁର୍ଗୋତ୍ସବ ଆରମ୍ଭ ହେଲା। ଏ ପ୍ରସଙ୍ଗଟି ଯୁକ୍ତିଯୁକ୍ତ ମନେହୁଏ। ସେଇ ଢାଞ୍ଚାରେ କଟକ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଦଶଭୂଜା ମହିଷାମର୍ଦ୍ଦିନୀ ଆରାଧିତା। ତାଙ୍କ ପାର୍ଶ୍ୱରେ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକେୟ। ଦେବୀ ଅସ୍ତ୍ରଶସ୍ତ୍ର ଧାରିଣୀ, ମହିଷାସୁର ମଧ୍ୟ ଖଡ୍ଗ ଧରି ଯୁଦ୍ଧ ମୁଦ୍ରାରେ। ଉଭୟ ବଙ୍ଗଦେଶ, ଓଡ଼ିଶାର ମୃଣ୍ମୟୀ ଦେବୀ ମୂର୍ତ୍ତି ପ୍ରାୟତଃ ଏକାକାର।

ଆଶ୍ୱିନ ମାସ ଅଷ୍ଟମୀର ଅର୍ଦ୍ଧରାତ୍ରିରେ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କୁ ବଳି ସହକାରେ ପୂଜାକଲେ ଅଭିଷ୍ଟ ସିଦ୍ଧି ହୁଏ - ଏଇ କଥା ଦେବୀ ପୁରାଣରେ କଥିତ। ଶରତକାଳୀନ ଦୁର୍ଗାପୂଜାର ଗୁରୁତ୍ୱ ଦୃଷ୍ଟିରୁ ଅଷ୍ଟମୀ, ନବମୀ ପୂଜାକୁ ମହାଷ୍ଟମୀ, ମହାନବମୀ କୁହାଯାଏ। ଦୁର୍ଗା ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ। ଅତୀତରେ କେତେ ରାଜା ମହାରାଜା ଦୁର୍ଗରକ୍ଷା ନିମିତ୍ତ ଗଡ଼ମଧ୍ୟରେ ଦେବୀ ମନ୍ଦିର ପ୍ରତିଷ୍ଠା କରିଥିଲେ। ସେଇ ସବୁ ଦେବୀଙ୍କୁ ଗଡ଼ଚଣ୍ଡୀ ମଧ୍ୟ କୁହାଯାଏ। ଶରତପରି ଚୈତ୍ର, ଜ୍ୟେଷ୍ଠ, ଆଷାଢ଼ରେ ମଧ୍ୟ ଦେବୀଙ୍କ ଉପାସନା ହେଉଥିବା ପ୍ରସଙ୍ଗ କଳିକା ପୁରାଣରେ ବର୍ଣ୍ଣିତ। ତେବେ ଚୈତ୍ରମାସରେ ପୁରପଲ୍ଲୀରେ ମଧ୍ୟ ଶରତକାଳୀନ ଅନୁରୂପ ପୂଜାର୍ଚ୍ଚନା କରାଯାଏ। କେହିକେହି ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ମଧ୍ୟ 'ଚଇତିଚଣ୍ଡୀ' କହିଥାନ୍ତି।

ତନ୍ତ୍ରଶାସ୍ତ୍ରରେ ଦେବୀ ନାନାନି ରୂପେ ବର୍ଣ୍ଣିତା। ଦେବୀଙ୍କର ଆସନ ସଦାଶିବ, ଯେ କି ଶ୍ମଶାନବାସୀ ମହାପ୍ରେତ। ଏହାର ଏକ ସାଙ୍କେତିକ ଅର୍ଥ କରାଯାଇଥାଏ। ସଦାଶିବ ବ୍ରହ୍ମାଙ୍କ ପରମାବସ୍ଥା ଯାହା ଚିତ୍‌ଶକ୍ତି ବା ଚିତ୍ ବ୍ରହ୍ମାଙ୍କ ସ୍ୱରୂପାବସ୍ଥା। ଏହା ଏକ, ଅଭିନ୍ନ। ତାହା ନିର୍ଗୁଣ, ନିର୍ବିକାର, ଅନ୍ୟାର୍ଥେ ପରମଶିବଙ୍କ ଠାରୁ ଶକ୍ତି ବାହାରି ବା ନିର୍ଗୁଣ ବ୍ରହ୍ମ ସଗୁଣ ହୋଇ ସୃଷ୍ଟି କରିବାକୁ ଉଦ୍ୟତ। ଶିବରହିତ ଶକ୍ତି ଶବ ପ୍ରାୟ। ଏକଥାଟି ମଧ୍ୟ ଶାସ୍ତ୍ରରେ ଉଲ୍ଲେଖ ଅଛି - 'ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ। ନଚେଦେବଂ ଦେବୋନଖଲୁ କୁଶଳଃ ସ୍ପନ୍ଦିତୁ ମପି।"

ଶାରଦୀୟ ପୂଜୋତ୍ସବରେ ସେଇ ଶିବାନୀ, ରୁଦ୍ରାଣୀ, ଶର୍ବାଣୀ, ହୈମବତୀ, ପାର୍ବତୀ, ଗିରିଜା, ଉମା ସର୍ବୋପରି ମହିଷାମର୍ଦ୍ଦିନୀଙ୍କୁ ଭକ୍ତିନୈବେଦ୍ୟ ଅର୍ପଣ କରୁଛନ୍ତି ଅଗଣିତ ଭକ୍ତଜନ। କିଏ ତାଙ୍କୁ ସ୍ତୁତି କରୁଛି - "ଉମା କାତ୍ୟାୟିନୀ ଗୌରୀ କାଳୀ ହୈମବତୀଶ୍ୱରା, / ଶିବା ଭବାନୀ ରୁଦ୍ରାଣୀ ଶର୍ବାଣୀ ସର୍ବମଙ୍ଗଳା/ ଅପର୍ଣ୍ଣା ପାର୍ବତୀ ଦୁର୍ଗା ମୃଡ଼ାନୀ ଚଣ୍ଡୀକାମ୍ବିକା।"

ଦେବୀ ଜଗଜ୍ଜନନୀ ମା' ଦୁର୍ଗେ, ମହିଷାମର୍ଦ୍ଦିନୀ ସମଗ୍ର ଜଗତର ମଙ୍ଗଳ କରନ୍ତି। ଭକ୍ତଟିଏ ଡାକୁଛି ଦୁଃଖହାରିଣୀ ମା' ଦୁର୍ଗାଙ୍କୁ, କୃତାଞ୍ଜଳି ପୁଟେ ସ୍ତବ କରୁଛି, "ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ / ସ୍ମରଣ୍ୟେ ତ୍ର୍ୟୟମ୍ବିକେ ଗୌରି ନାରାୟଣି ନମସ୍ତୁତେ। / ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣି / ସର୍ବସ୍ୟାର୍ତ୍ତି ହରେ ଦେବି, ନାରାୟଣି ନମସ୍ତୁତେ।

ସେଇ ଜଗଜ୍ଜନନୀ ମା' ଦୁର୍ଗେ ଜଗତର ମଙ୍ଗଳ ବିଧାନ କରନ୍ତୁ।

ଭାଷା ଭାବନା

# ଓଡ଼ିଆ ବିଶେଷ୍ୟ ଓ ବିଶେଷଣ



ଡଃ. ଦେବାଶିଷ ମହାପାତ୍ର
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

ବାକ୍ୟରେ ବ୍ୟବହାର ହେଉଥିବା ପଦ କୌଣସି ନାମକୁ ବୁଝାଇଲେ ତାହା ବିଶେଷ୍ୟ। ବିଶେଷ୍ୟର ଅର୍ଥ ନାମ। ଅନ୍ୟ ଭାଷାରେ, ବିଶେଷ୍ୟ ଗୋଟିଏ ନାମବାଚକ ଶବ୍ଦ। ଆମେ କହିପାରିବା ଯେ, ବିଶେଷ୍ୟ କହିଲେ ନାମକୁ ବୁଝାଏ। ଏହାକୁ ଇଂରାଜୀରେ କହନ୍ତି (Noun)। ବ୍ୟକ୍ତି, ବସ୍ତୁ, ଗୁଣ, ଜାତି, ଶ୍ରେଣୀ, ସ୍ଥାନ, ଅବସ୍ଥା, କ୍ରିୟା ଆଦିର ନାମକୁ ବିଶେଷ୍ୟ ପଦ କୁହାଯାଏ। ଅତଏବ, ବିଶେଷ୍ୟର ଅର୍ଥ ତେଣୁ ନାମ। ବ୍ୟାକରଣରେ ବିଶେଷ୍ୟର ବଡ଼ ଭୂମିକା ରହିଛି। ଆମେ ବିଶେଷ୍ୟର ଆବଶ୍ୟକତା ଆଧାରରେ ଏହାକୁ ପାଞ୍ଚ ଭାଗ କରିଥାଉ। ପ୍ରଥମ ଭାଗଟି ହେଉଛି ବ୍ୟକ୍ତି ବା ସ୍ଥାନବାଚକ ବିଶେଷ୍ୟ। ଦ୍ୱିତୀୟ ଭାଗ ଜାତି ବା ଶ୍ରେଣୀବାଚକ ବିଶେଷ୍ୟ। ତୃତୀୟ ଭାଗ ବସ୍ତୁବାଚକ ବିଶେଷ୍ୟ। ଚତୁର୍ଥ ଭାଗ ଗୁଣ ବା ଅବସ୍ଥାବାଚକ ବିଶେଷ୍ୟ। ପଞ୍ଚମ ଏବଂ ଅନ୍ତିମ ଭାଗଟି ହେଉଛି କ୍ରିୟାବାଚକ ବିଶେଷ୍ୟ। କହିବା ବାହୁଲ୍ୟ, ପ୍ରତ୍ୟେକ ଭାଗର ମହତ୍ତ୍ୱ ରହିଛି। ପ୍ରଥମ ଭାଗ ବିଷୟରେ ଯଦି ଆଲୋଚନା ଟିକେ କରିବା ଦେଖିବା ଯେଉଁ ବିଶେଷ୍ୟ ପଦ କୌଣସି ବ୍ୟକ୍ତି ସ୍ଥାନ, ସହର, ନଈ, ପାହାଡ଼, ଫଳ, ଜଙ୍ଗଲ, ବହି, ଦେଶ, ଗାଁର, ନାଁ ଆଦିକୁ ବୁଝାଇଥାଏ ତାହା ବ୍ୟକ୍ତିବାଚକ ବିଶେଷ୍ୟ। ଯେମିତିକି ନବୀନ, ସୁନୀଲ, ମମତା, ପୁଷ୍ପା, ମଧୁମିତା, ଲୀଲା, ଭୁବନେଶ୍ୱର, ପୁରୀ, କଟକ, କଳାହାଣ୍ଡି, କେନ୍ଦ୍ରାପଡ଼ା, ପିପିଲି, ବିରିଡ଼ି, ଚିକିଟି, ତିହିଡ଼ି, କନ୍ନଡ଼, ଓଡ଼ିଆ, ଓଡ଼ିଶା, ନିର୍ଭୟ, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ବର୍ଣ୍ଣବୋଧ, ପଗଡ଼ି ପୁରୁଷ, ନୀଳଶୈଳ, ପିଝୁ, ଶ୍ରମଣାର ପୃଥିବୀ, ଜଣେ ରାଜା ଥିଲେ, କାଠଯୋଡ଼ି, କୁଆଖାଇ, ମହାନଦୀ, ରତ୍ନଚିରା, ବିରୂପା, ପଟିଆ, ଅଂଶୁପା, ଚିଲିକା, ଗନ୍ଧମାର୍ଦ୍ଧନ, ମଳାଗୁଣୀ, ରାମେଶ୍ୱର, ଦଧିମାଛଗାଡ଼ିଆ, ଗୁରୁଜଙ୍ଗ, କବିତା ଇତ୍ୟାଦି। ତେବେ ଯଦି ଦ୍ୱିତୀୟ ଭାଗ ଅର୍ଥାତ୍ ଜାତି ବା ଶ୍ରେଣୀବାଚକ ବିଶେଷ୍ୟ କଥା ବିଚାର କରିବା ତେବେ ଦେଖିବା ଯେ, ସ୍ଥାନ, ସହର, ନଈ, ପାହାଡ଼, ଦେଶ, ପୁରୁଷ, ନାରୀ, ଫୁଲ, ପିଲା, ବୁଢ଼ା, ସରୀସୃପ, ମରୁଭୂମି, ଜଙ୍ଗଲ, ବିଦ୍ୟାର୍ଥୀ, ଯୁବକ, ଯୁବତୀ, ଛାତ୍ର, ଛାତ୍ରୀ, ଭାଷା ଆଦି ଜାତି ବା ଶ୍ରେଣୀର ନାମକୁ ବୁଝାଏ। ଧରାଯାଉ ବାକ୍ୟଟେ ଲେଖିବା - ଭୁବନେଶ୍ୱର ଗୋଟିଏ ସହର। ଭୁବନେଶ୍ୱର ବ୍ୟକ୍ତିବାଚକ ବିଶେଷ୍ୟ ଓ ସହର ଏଠି ଜାତିବାଚକ ବିଶେଷ୍ୟ। ସାହାରା ପୃଥିବୀର ବୃହତ୍ତମ ମରୁଭୂମି- ଏ ବାକ୍ୟରେ ଥିବା ସାହାରା ବ୍ୟକ୍ତିବାଚକ ଓ ମରୁଭୂମି ଜାତିବାଚକ ବିଶେଷ୍ୟ। ଚିତ୍ରୋତ୍ପଳା ଏକ ଚମତ୍କାର ନଈ- ଏ ବାକ୍ୟରେ ଚିତ୍ରୋତ୍ପଳା ବ୍ୟକ୍ତିବାଚକ ଓ ନଈ ହେଉଛି ଜାତିବାଚକ ବିଶେଷ୍ୟ। ଏହିଭଳି ଅନେକ ଉଦାହରଣ ଦିଆଯାଇପାରେ। ବିଶେଷ୍ୟର ପ୍ରଥମ ଦୁଇଭାଗ ବିଷୟରେ ଧାରଣା ସ୍ପଷ୍ଟ ହୋଇଥାଏ। ଏଥର ବିଶେଷ୍ୟର ପରବର୍ତ୍ତୀ ଭାଗ ତୃତୀୟ ଭାଗ ଅର୍ଥାତ୍ ବସ୍ତୁବାଚକ ବିଶେଷ୍ୟ କଥା ଦେଖିବା। ଏ ବିଶେଷ୍ୟଟି ଯେ କୌଣସି ବସ୍ତୁର ନାମକୁ ବୁଝାଇବାରେ ବ୍ୟବହାର ହୋଇଥାଏ। ଯେମିତିକା- ମାଟି, ଗୋଡ଼ି, ବାଲି, କୋଇଲା, କାଚ, ପଥର, ଲୁହା, ସୁନା, ରୁପା, କାଗଜ, କାଠ, ପାଣି ଇତ୍ୟାଦି। ସେହିଭଳି ଗୁଣ ବା ଅବସ୍ଥାବାଚକ ବିଶେଷ୍ୟ, ଯାହାକି ଚତୁର୍ଥ ଭାଗ ତାହା କୌଣସି ଗୁଣ ବା ଅବସ୍ଥାର ନାମକୁ ବୁଝାଇଥାଏ। ଯେମିତିକି-ଶୈଶବ, କୈଶୋର, ଯୌବନ, ବାର୍ଦ୍ଧକ୍ୟ, ଦାରିଦ୍ର୍ୟ, ସୁଖ, ଦୁଃଖ, ସ୍ନେହ, ପ୍ରେମ, କ୍ଷମା, ଉଦାରତା, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, କ୍ରୋଧ, କାର୍ପଣ୍ୟ, ନିଷ୍ଠୁରତା, ଭୀରୁତା, ଅସୁସ୍ଥତା, ପ୍ରତାରଣା, ଇତ୍ୟାଦି। ପଞ୍ଚମ ଓ ଅନ୍ତିମ ଭାଗଟି କ୍ରିୟାବାଚକ ବିଶେଷ୍ୟ। କୌଣସି କ୍ରିୟାର ନାମକୁ ବୁଝାଇଲେ କ୍ରିୟାବାଚକ ବିଶେଷ୍ୟ ହୋଇଥାଏ। ଯେମିତିକି- ପଠନ, ଭୋଜନ, ଶୟନ, ଲିଖନ, ଗମନ, ଦର୍ଶନ, ଇତ୍ୟାଦି। ଧରାଯାଉ ଉଦାହରଣଟି ଏମିତି- ସବୁବେଳେ ହସିବା ଭଲକଥା ନୁହେଁ। ଏଠି ହସିବା ଗୋଟିଏ କ୍ରିୟାବାଚକ ବିଶେଷ୍ୟ। ଆମେ ଏସବୁ ବିଭାଗ ଦେଖିବା ପରେ ବ୍ୟାକରଣର ଏହି ବିଷୟ ବିଶେଷ୍ୟ ନେଇ ଧାରଣା ପାଇଥିବା। ଆଜି ଆମେ କେତେକ ବିଶେଷ୍ୟକୁ ଆମ ସୁବିଧା ଅନୁସାରେ ବଦଳାଇ ଦେଇଛେ, ଅବଶ୍ୟ ଏହା ଅଞ୍ଚଳ ଓ ଉଚ୍ଚାରଣ ଆଧାରିତ। ଯେମିତିକି- ମାର୍ଗଶିରରୁ ମଗୁଶିର, ଫାଲ୍‌ଗୁନରୁ ହେଉଛି ଫଗୁଣ, ପିପିଲିକାରୁ ପିମ୍ପୁଡ଼ି, ସର୍ପରୁ ସାପ, ଭାତୃଜାୟାରୁ ଭାଉଜ, ଚିଙ୍ଗୁଡ଼ିରୁ ହେଲା ଚୁଙ୍ଗୁଡ଼ି, ଖେଚୁଡ଼ିରୁ ଖେଚେଡ଼ି, ଶୃଗାଳରୁ ଶିଆଳ, ଆଲୋକରୁ ଆଲୁଅ ଇତ୍ୟାଦି। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ମନର ଭାବକୁ ବକ୍ତବ୍ୟ ଭାବରେ ଉପସ୍ଥାପନ କରିବା ହିଁ ଭାଷା। ମାନବୀୟ ସମ୍ପର୍କ ପ୍ରତିଷ୍ଠା ପାଇଁ ଶବ୍ଦକୁ ମାଧ୍ୟମ ଭାବେ ଆମେ ଗ୍ରହଣ କରିବାର ଅର୍ଥ ହେଉଛି ଭାଷା। ଶବ୍ଦର ମିଶ୍ରଣରେ ବାକ୍ୟ ସୃଷ୍ଟି ହୁଏ। ମଣିଷର ଚିନ୍ତାଧାରାର ପରିପ୍ରକାଶ ହୁଏ । ଭାଷା, ମଣିଷର ଯୋଗାଯୋଗର ସ୍ୱରୂପ। ଭାଷା ମଣିଷର ଏକ ସାମାଜିକ ସମ୍ପତ୍ତି। ଭାଷା ଗୋଟିଏ ଜାତିର ପରମ୍ପରାକୁ ପ୍ରଭାବିତ ତଥା ସ୍ୱଷ୍ଟ ପ୍ରତିବିମ୍ବିତ କରିଥାଏ। ବିଶେଷ୍ୟ ବିଷୟରେ ଆମେ କିଛି ଜାଣିବା ସହ ଭାଷାରେ ଏହାର ଭୂମିକା କଥା ବି ଜାଣିଲେ। ବ୍ୟାକରଣରେ ବିଶେଷ୍ୟର ଭୂମିକା ଯେ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଏହା କହିବା ବାହୁଲ୍ୟମାତ୍ର। ଓଡ଼ିଆ ଶବ୍ଦ ଶ୍ରେଣୀ ରୂପତାତ୍ତ୍ୱିକ ଓ ବାକ୍ୟତାତ୍ତ୍ୱିକ ଆଧାରରେ ଏମିତି ବିଭକ୍ତ କରାଯାଇପାରେ- (କ) ବିଶେଷ୍ୟ, ସର୍ବନାମ, ବିଶେଷଣ, (ଖ) କ୍ରିୟା, (ଗ) କ୍ରିୟା ବିଶେଷଣ ଓ ଅବ୍ୟୟ ଇତ୍ୟାଦି। ବାକ୍ୟର ଦୁଇ ପ୍ରଧାନ ଭାଗ କର୍ତ୍ତା ଭାଗ ଓ କ୍ରିୟା ଭାଗ ମଧ୍ୟରେ ବିଶେଷ୍ୟ, ବିଶେଷଣ ଓ ସର୍ବନାମ କର୍ତ୍ତା ଭାବରେ ଅନ୍ତର୍ଭୁକ୍ତ ଏବଂ ବିଶେଷ୍ୟପଦର ଅଂଶବିଶେଷ। ବିଶେଷ୍ୟପଦର ଅଂଶବିଶେଷ ଭାବରେ ଏଗୁଡ଼ିକ ସହିତ ବଚନ, ଲିଙ୍ଗ ଓ କାରକ ଯୁକ୍ତ ହୋଇଥାନ୍ତି। ପ୍ରୟୋଗ ଅନୁସାରେ ଓଡ଼ିଆ ବିଶେଷ୍ୟ ଶବ୍ଦ ଶ୍ରେଣୀକୁ ନାମବାଚକ ଓ ସାଧାରଣ ବାଚକ କୁହାଯାଏ। ଦୁଇରୁ ଅଧିକ ମୁକ୍ତରୂପ ତଥା ଅର୍ଥପୂର୍ଣ୍ଣ ଶବ୍ଦ ଯୋଗ କରାଯାଇ ଯୌଗିକ ବିଶେଷ୍ୟ ହୋଇଥାଏ। ଯୌଗିକ ବିଶେଷ୍ୟଗୁଡ଼ିକ ବାକ୍ୟ ଗଠନ ଆଧାରରେ ବିଶେଷ୍ୟ ପଦର ଅନ୍ତର୍ଭୁକ୍ତ। ଉଦାହରଣ- ଖରା+ଦିନ+ତାତି= ଖରାଦିନ ତାତି, ବର୍ଷା+ଦିନିଆ+ସକାଳ= ବର୍ଷାଦିନିଆ ସକାଳ। ବିଭିନ୍ନ କ୍ରିୟା, ବିଶେଷଣ ଓ ଅନ୍ୟ ବିଶେଷ୍ୟ ସହିତ ପ୍ରତ୍ୟୟ ଯୋଡ଼ି ନୂଆ ବିଶେଷ୍ୟ ଗଢ଼ାଯାଇପାରେ। ବିଶେଷ୍ୟ ସହିତ ବିଶେଷ୍ୟ ଯୋଗ କରି ଯୁଗ୍ମ ବିଶେଷ୍ୟ ଓ ଯୌଗିକ ବିଶେଷ୍ୟ ଗଠନ ହୋଇଥାଏ। ଯୁଗ୍ମ ଓ ଯୌଗିକ ବିଶେଷ୍ୟଗୁଡ଼ିକ ବାକ୍ୟ ଗଠନ ଆଧାରରେ ବିଶେଷ୍ୟ ପଦର ଅଂଶବିଶେଷ। ଯୁଗ୍ମ ଓ ଯୌଗିକ ବିଶେଷ୍ୟଗୁଡ଼ିକରେ ବିଶେଷ୍ୟ, ବିଶେଷଣ ଓ କ୍ରିୟା ଶବ୍ଦଗୁଡ଼ିକ ଅଂଶଗ୍ରହଣ କରିଥାନ୍ତି। ଓଡ଼ିଆ ଯୁଗ୍ମ ଓ ଯୌଗିକ ବିଶେଷ୍ୟ ସହ ବଚନ, କାରକ ଓ ବିକ୍ତି ପ୍ରତ୍ୟୟ ଯୁକ୍ତ ହୋଇପାରେ। ଓଡ଼ିଆରେ ବ୍ୟବହାର ହେଉଥିବା ବିଶେଷ୍ୟ ଶବ୍ଦ ଶ୍ରେଣୀକୁ ଅ, ଆ, ଇ, ଈ, ଉ, ସ୍ୱରାନ୍ତ ଭାବେ ଶ୍ରେଣୀ ବିଭାଗ କରାଯାଏ। ଉଦାହରଣ- ଅ ସ୍ୱରାନ୍ତ - କନକ, କିଶୋର (ନାମ), ଝିଅ, ପୁଅ, (ସମ୍ପର୍କ), ବଗ, ମାଛ (ପଶୁ ପକ୍ଷୀ କୀଟ), ଗଛ, ଘର (ଅପ୍ରାଣୀବାଚକ) ଇତ୍ୟାଦି। ସେହିଭଳି ଆ ସ୍ୱରାନ୍ତ, ଇ ସ୍ୱରାନ୍ତ ଓ ଉ ସ୍ୱରାନ୍ତରେ ଆମେ ବିଭିନ୍ନ ନାମ, ବିଭିନ୍ନ ପକ୍ଷୀ, (ମନୁଷ୍ୟ, ପଶୁପକ୍ଷୀ, କୀଟପତଙ୍ଗ ପ୍ରଭୃତି) ଓ ଅପ୍ରାଣୀବାଚକ ଶବ୍ଦ, ବିଭିନ୍ନ ସମ୍ପର୍କ ସମ୍ପର୍କିତ ଶବ୍ଦ, ଗୁଣ, ଅନୁଭବ ବର୍ଣ୍ଣିତ ଶବ୍ଦଗୁଡ଼ିକୁ ଦେଖିଥାଉ। ବିଶେଷ୍ୟ ଓ ବିଶେଷଣ ବ୍ୟାକରଣର ଦୁଇ ଅବିଚ୍ଛେଦ୍ୟ ଅଙ୍ଗ। ବିଶେଷଣ, ବିଶେଷ୍ୟର ବିଶେଷ୍ୟତା ପ୍ରକାଶକ ତଥା ବିଶେଷ୍ୟ ଗୁଣସୂଚକ। ଗଠନଭିତ୍ତିରେ ବିଶେଷଣ, ବିଶେଷ୍ୟର ଠିକ୍ ପୂର୍ବରୁ ଅବସ୍ଥାପିତ ହୋଇ ବିଶେଷ୍ର ସହିତ ଏକପଦରେ ପ୍ରକାଶ ପାଏ। ବିଶେଷଣ+ ବିଶେଷ= ଭଲଲୋକ, ଦୁଷ୍ଟପିଲା, ନାଲିଫୁଲ, ବିଶେଷଣ+ବିଶେଷଣ+ବିଶେଷ୍ୟ= ଭାରି ଭଲଲୋକ, ଅତି ଦୁଷ୍ଟପିଲା, ଗାଢ଼ ନାଲିଫୁଲ, ବିଶେଷ୍ୟର ବିଶେଷଣ ଭାବରେ ଅବସ୍ଥାପିତ କେତେକ ସର୍ବନାମର ଶବ୍ଦ ରୂପକୁ ଆମେ ସାର୍ବନମିକ ବିଶେଷଣ କହୁ। ଯେମିତିକି ଏତେ ଲୋକ, କେଡ଼େ କଥା, କୋଉଠାର ଝିଅ। ଏହାଛଡ଼ା ସଂଖ୍ୟାବାଚକ ବିଶେଷଣ ଅନ୍ୟ ବିଶେଷଣର ଏକ ଉପବିଭାଗ। ସଂଖ୍ୟାବାଚକ ବିଶେଷ ଦୁଇ ପ୍ରକାରର- ଗଣନସଂଖ୍ୟାଓ ପୂରଣ ବାଚକ ସଂଖ୍ୟାରଣନ ସଂଖ୍ୟା ଗୁଡ଼ିକ ତିନି ଭାଗରେ ବିଭକ୍ତ- ମୂଳ ସଂଖ୍ୟା, ଦଶକ ସଂଖ୍ୟା ଓ ଯୌଗିକ ସଂଖ୍ୟା। ଏକଠାରୁ ନଅ ପର୍ଯ୍ୟନ୍ତ ମୂଳ ସଂଖ୍ୟା, ଦଶକଗୁଡ଼ିକ ମୂଳସଂଖ୍ୟାଗୁଡ଼ିକରେ ଶୂନ ଯୋଗ ହୋଇ ଗଠିତ ଓ ଯୌଗିକ ସଂଖ୍ୟାଗୁଡ଼ିକ ଦଶକ ସହିତ ମୂଳସଂଖ୍ୟାଗୁଡ଼ିକୁ କ୍ରମିକ ଭାବରେ ଯୁକ୍ତ କରି ଗଠିତ। ଯଥା- ମୂଳ ସଂଖ୍ୟା-ଏକ, ଦୁଇ, ତିନି, ଚାରି, ଦଶକ ସଂଖ୍ୟା- ଦଶ, କୋଡ଼ିଏ, ତିରିଶ, ଚାଳିଶ। ଯୌଗିକ ସଂଖ୍ୟା -ଏଗାର, ବାର, ତେର, ଚଉଦ। ପୂରଣବାଚକ ସଂଖ୍ୟାରେ ମୂଳସଂଖ୍ୟାଗୁଡ଼ିକ ବ୍ୟବହାର ହେଲେ ଶବ୍ଦ ରୂପରେ କିଛି ପରିବର୍ତ୍ତନ ହୋଇଥାଏ। ଯେମିତି କି ମୂଳସଂଖ୍ୟା- ଏକ, ପୂରଣବାଚକ ସଂଖ୍ୟା-ପ୍ରଥମ। ସେମିତି କ୍ରିୟାଜ ବା କ୍ରିୟାରୁ ଜାତ ବିଶେଷଣ- ଶୋଇଲା ପୁଅର ଭାଗ ନାହିଁ। କ୍ରିୟା ବିଶେଷଣ- ସବୁବେଳେ ସେ ଭଡ଼ଭଡ଼ କାହିଁକି ହେଉଛି? ବିଶେଷ୍ୟର ବିଶେଷଣ ରୂପରେ ବ୍ୟବହାର -ପିହୁ ଗୋଟିଏ ସୁନାଝିଅ। ଅଙ୍କିତ ବିଶେଷଣ, ଅଙ୍କନ ବିଶେଷ୍ୟ। ସେମିତି ଆବିଷ୍କୃତରୁ ଆବିଷ୍କାର, ଆଗ୍ନେୟରୁ ଅଗ୍ନି, ଉଚ୍ଚରୁ ଉଚ୍ଚତା, କୃପଣରୁ କାର୍ପଣ୍ୟ, ଜୀବିତରୁ ଜୀବନ, ଦଣ୍ଡିତରୁ ଦଣ୍ଡ, ମିଳିତରୁ ମିଳନ ଇତ୍ୟାଦି। ବିଶେଷ୍ୟ ପଦକୁ ବିଶେଷଣ ବିଶେଷିତ କରିଥାଏ। ଆମେ ଆମ ଭାଷାକୁ ଠିକ୍ ଭାବେ ବ୍ୟବହାର କରିବା ପାଇଁ ବ୍ୟାକରଣର ଆବଶ୍ୟକତା ରହିଛି। ଓଡ଼ିଆ ବ୍ୟାକରଣ କଥା ଆଲୋଚନାବେଳେ ବର୍ଣ୍ଣ ଓ ଧ୍ୱନି, ବିଶେଷ୍ୟ ଓ ବିଶେଷଣ, ସମାସ ଓ ସନ୍ଧି, କୃଦନ୍ତ ଓ ତଦ୍ଧିତ ଆଦିର ତୁଳନାତ୍ମକ ଆଲୋଚନା ଆବଶ୍ୟକ। ବିଶେଷ୍ୟ ଓ ବିଶେଷଣ, ଓଡ଼ିଆ ଭାଷା ଭଳି ପ୍ରତ୍ୟେକ ଭାଷାର ସୌରଭ ଓ ସ୍ୱାତନ୍ତ୍ର୍ୟ ସୂଚକ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଅକ୍ଟୋବର ୨୦୨୪ ସୋମବାର





# ଚୋରା କାଠ ମାଫିଆ ସକ୍ରୀୟ:ବନ ବିଭାଗ ନିରବ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ତେନ୍ତୁଳିଆରେ ଥିବା ସମିଲ ଗୁଡିକ ନିୟମ କାନୁନ୍‌କୁ ଜଳାଞ୍ଜଳି ଦେଇ ବିଳମ୍ବିତ ରାତ୍ରି ଓ ଛୁଟିଦିନ ଗୁଡିକରେ ଟ୍ରିପ୍ ଟ୍ରିପ୍ କାଠ ଚିରାଉଛନ୍ତି । ଫଳରେ ଚୋରା କାଠ ବେପାରୀମାନେ କୌଶଳରେ ଶାଗୁଆନ, ପଣସ ଭଳି ମୂଲ୍ୟବାନ କାଠ ଗରକୁ ସମିଲରେ ଚିରି ମାଲାମାଲ୍ ହେଉଛନ୍ତି । ବନବିଭାଗର ଜ୍ଞାତସାରରେ ଏସବୁ ହେଉଥିବାବେଳେ ସମ୍ପୃକ୍ତ ବିଭାଗ ଜାଣିଶୁଣି ଚୁପ୍ ରହୁଥିବାର ଅଭିଯୋଗ ହେଉଛି ।ଅନ୍ୟପକ୍ଷେ ମିଲ୍ ମାଲିକମାନେ କାଠଗର ଆସୁନଥିବା କହି ଦିନରେ ମିଲ୍ ବନ୍ଦ ରଖି ସୋବାଜି କରୁଛନ୍ତି । ଲୋକଦେଖାଣିଆ ଚକୁଣ୍ଡା, ଜଦାଖାଇ ଭଳି କିଛି ଗରକୁ ଚିରି ଆମେ ସମ୍ପୂର୍ଣ୍ଣ ନିୟମରେ ଅଛୁ ବୋଲି କହି ଏଭଳି ସ୍ୱର୍ଶକତା ବିଷୟକୁ ଆଡେଇ ଦେଉଛନ୍ତି । ଯାହାକି ଏବେ ଚିନ୍ତାର ବିଷୟ ହୋଇଛି । ଅନ୍ୟ ପକ୍ଷରେ କାଠ ସମିଲ୍ ଗୁଡିକ ସରକାରୀ ନୀତି ନିୟମ ଗୁଡିକୁ ଜଳାଞ୍ଜଳି ଦେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିରିଡ଼ି ବ୍ଲକର ତେନ୍ତୁଳିଆ ଅଞ୍ଚଳରେ ୫ଟି ସମିଲ୍ ବେଆଇନ୍ କାଠ କାରବାର ଚଳାଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଛନ୍ତି । ବନବିଭାଗ ଏସବୁକୁ ଅଣଦେଖା କରି ନିଜେ କିଛି କର୍ମଚାରୀ ମାଲେମାଲ୍ ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ରଘୁନାଥପୁର ବ୍ଲକ ଅଞ୍ଚଳରେ ଥିବା ଧଳତଙ୍ଗ ଜଙ୍ଗଲଟି କାଠ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଥିବା କୁହାଯାଉଥିବା ବେଳେ ଉକ୍ତ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଚୋରି ହେଉଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଦାୟିତ୍ୱରେ କୌଣସି ଫରେଷ୍ଟ ଗାର୍ଡ କିମ୍ବା ଫରେଷ୍ଟର ରହୁନଥିବାର ସୁଯୋଗ ନେଇ ଏହି ଜଙ୍ଗଲରେ କାଠ ମାଫିଆ ମାନେ ସକ୍ରୀୟ ହୋଇଉଠିବା ସହିତ ବେଧଡ଼କ୍ ଭାବେ ଧଡ଼ତଙ୍ଗ ଜଙ୍ଗଲରୁ ମୂଲ୍ୟବାନ କାଠ ଲୁଟି ଚାଲିଥିବା ଘଟଣା ନିତିଦିନିଆ ଘଟଣା ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଛନ୍ତି ।ଏଥିପ୍ରତି ସରକାର ଯଦି ଦୃଷ୍ଟି ନଦିଅନ୍ତି ତାହାଲେ ଜଙ୍ଗଲ ଶୂନ୍ୟ ହୋଇ ଆଗାମୀ ଦିନରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟମାନ ବୃଦ୍ଧି ପାଇ ଜନଜୀବନ ହାନି ହେବାକୁ ଅସ୍ୱୀକାର କରାଯାଇନପାରେ ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି ।



# ଆଦିବାସୀ ଛାତ୍ରୀ ହଷ୍ଟେଲ୍‌ରେ ଅବ୍ୟବସ୍ଥା:ଅନ୍ତେବାସୀଙ୍କ ଅସନ୍ତୋଷ

**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ଆଦିବାସୀ ଅନ୍ତେବାସୀ ହଷ୍ଟେଲରେ ତୀବ୍ର ଅବ୍ୟବସ୍ଥା ।ସଠିକ୍ ଖାଇବା ଓ ସ୍ୱାସ୍ଥ୍ୟର ଯତ୍ନ କଥା ଉଠାଇଲେ ହଷ୍ଟେଲରୁ ବିଦା କରିଦିଆଯିବ ବୋଲି ଧମକ ଦିଆଯାଉଥିବା ଅଭିଯୋଗ ହେଉଛି ।ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ରହିଛି । ଏହି ବିଭାଗରେ ଜଣେ ଆଦିବାସୀଙ୍କୁ ହିଁ ମନ୍ତ୍ରୀ ଭାବେ ନିଯୁକ୍ତ ଦିଆଯାଏ ।ତେବେ ବିଭାଗର ଅପାରଗତା ଓ ଦାୟିତ୍ୱହୀନତା ତଥା ପ୍ରଶାସନିକ ଉଦାସୀନତା ମନୋଭାବ ଯୋଗୁଁ ଆଦିବାସୀ ଛାତ୍ରଛାତ୍ରୀମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି ।ସବୁବେଳେ ଏହି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ହଷ୍ଟେଲ୍ ଗୁଡିକରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି ।ରାୟଗଡା ଜିଲ୍ଲା ଗୁଣୁପୁର ବ୍ଲକ ପଗଡ଼ବିଲି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରୁ ଆସିଛି ସେମିତି ଏକ ଅଭାବନୀୟ ଘଟଣା । ଏଠାରେ ପିଲାଙ୍କୁ ଠିକ୍ ଭାବରେ ଖାଦ୍ୟପେୟ ଦିଆଯାଉନଥିବା ଅଭିଯୋଗ କରିଛନ୍ତି ଛାତ୍ରୀ । ବିଦ୍ୟାଳୟର ଶୌଚାଳୟ ଓ ବିଭିନ୍ନ କକ୍ଷ ଗୁଡ଼ିକ ନିୟମିତ ପରିଷ୍କାର କରାଯାଉନାହିଁ ।ଏଭଳିକି ସ୍ୱାସ୍ଥ୍ୟ ଖରାପ ହେଲେ ମଧ୍ୟ ପିଲାଙ୍କୁ ଚିକିତ୍ସା କରାଯାଉନାହିଁ । ଅତ୍ୟଧିକ ଦେହ ଖରାପ ଯାଏଁ ରଖାଯାଇ ଶେଷରେ ବିନା ଚିକିତ୍ସାରେ ଘରକୁ ପଠାଇ ଦିଆଯାଉଥିବା ଅଭିଯୋଗ ଆସିଛି ।ସରକାରଙ୍କ ପକ୍ଷରୁ ଅମାପ ଅର୍ଥ ଆସୁଥିଲେ ମଧ୍ୟ ନିମ୍ନମାନର ଖାଦ୍ୟ ଯୋଗାଉଥିବା ଅନ୍ତେବାସୀ ଓ ଅଭିଭାବକ ଅଭିଯୋଗ ଆଣିଛନ୍ତି । ଛାତ୍ରୀମାନେ ଏନେଇ କୌଣସି ଅଭିଯୋଗ କଲେ ବିଦ୍ୟାଳୟରୁ ବାହାର କରିଦେବାକୁ ଧମକ ଦିଆଯାଉଛି ବୋଲି ଅଭିଯୋଗ କରିଛନ୍ତି ଅଭିଭାବକ ମାନେ ।

# ପ୍ରହସନରେ ଚାଲିଛି ମାଛ ଯାଆଁଳ କେନ୍ଦ୍ର !

**କୋଟପାଡ଼, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା କୋଟପାଡ଼ ଅଞ୍ଚଳର ଲୋକେ ଚାଷ ଉପରେ ନିର୍ଭର କରୁଥିବା ବେଳେ ପ୍ରତ୍ୟେକ ଗ୍ରାମରେ ଛୋଟରୁ ବଡ଼ ପୋଖରୀ ରହିଛି । କିଛି ପୋଖରୀ ହିତାଧିକାରୀ ନିଜ ନିଜ ଜମି ମାନଙ୍କରେ ସରକାରୀ ସାହାଯ୍ୟ କିମ୍ବା ବ୍ୟାଙ୍କରୁ ଋଣ ନେଇ ପୋଖରୀ ଖୋଳନ କରିଥିବା ବେଳେ କେତେକ ପୋଖରୀ ପଞ୍ଚାୟତ ସହାୟତାରେ ଖନନ ହେଇଛି । ଉକ୍ତ ପୋଖରୀ ଗୁଡିକ ମୁଖ୍ୟତଃ ପରିବା ଚାଷ ସହ ମାଛ ଚାଷ କରିବାକୁ ପ୍ରଯୁଜ୍ୟ ରହିଥିବା ବେଳେ ମାଛ ଯାଆଁଳା ମିଳୁନଥିବାରୁ ପଡୋଶୀ ରାଜ୍ୟ ଛତିଶଗଡ଼ର ଯାଆଁଳା ବେପାରୀ ନିମ୍ନମାନର ଯାଆଁଳ ବିକ୍ରିକରି ମାଲାମାଲ୍ ହେଉଥିବାର ଦେଖିବାକୁ ମିଳୁଛି । କୋଟପାଡ଼ ଅଞ୍ଚଳରେ ବହୁ ପୁରାତନ ସରକାରୀ ମାଛ ଯାଆଁଳା କେନ୍ଦ୍ର ଥିଲେ ସୁଦ୍ଧା ଏଠାରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ।କିନ୍ତୁ ମତ୍ସ୍ୟ ବିଭାଗ ତରଫରୁ ଏଠାରେ ଜଣେ ବିଭାଗୀୟ ଅଧିକାରୀଙ୍କୁ ନିଯୁକ୍ତି ମିଳିଥିଲେ ସୁଦ୍ଧା କୌଣସି ପଞ୍ଚାୟତ କିମ୍ବା ଗ୍ରାମାଞ୍ଚଳର ମାଛଚାଷ କରୁଥିବା ହିତାଧିକାରୀଙ୍କ ସହ ସାକ୍ଷାତ କରିନଥିବାର ଅଭିଯୋଗ ହେଉଛି । ଯୋଗାଯୋଗ କରିବାକୁ ଆସୁଥିବା ଲୋକେ ଫିସେରୀ କାର୍ଯ୍ୟାଳୟ ଆସି ନିରାଶ ହେଉଥିବାର ମଧ୍ୟ ଅଭିଯୋଗ ବାରମ୍ବାର ହେଉଛି । ସହର ମଧ୍ୟରେ କେନ୍ଦୁଗୁଡା ଠାରେ ଫିସେର ଅଫିସ୍ ରହିଥିଲେ ସୁଦ୍ଧା ଏଠାରେ କୌଣସି କର୍ମଚାରୀଙ୍କ ଦେଖାଦର୍ଶନ ମିଳୁନାହିଁ । କିନ୍ତୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଅଫିସ୍‌କୁ ନୂତନ ରୂପେ ନିର୍ମାଣ କରାଯାଇଛି । ଠିକାଦାର ଗୃହ ଓ ପାଚେରୀ ନିର୍ମାଣ କାର୍ଯ୍ୟ କରି ଏକ ବର୍ଷ ହେବ ଉକ୍ତ କାର୍ଯ୍ୟ କେତେ ଟଙ୍କା ଖର୍ଚ୍ଚ ହେଇଚି ସୂଚନା ଫଳକଟିଏ ମଧ୍ୟ ନାହିଁ । ଏଭଳିକି ପୁରୁଣା ଫିସେରୀ ଫାର୍ମ ପୁନଃଉଦ୍ଧାର ଏବଂ ୱାଚ୍‌ମେନ୍ ଗୃହ ନିର୍ମାଣ ସହ ଫାର୍ମର ଚତୁଃପାର୍ଶ୍ୱରେ ସିମେଣ୍ଟ ପୋଟା ପଚେରୀ ନିର୍ମାଣ ଗତ ।କିଛିମାସ ହେବ ନିର୍ମାଣ କାର୍ଯ୍ୟ ଚାଲିଛି । ଉକ୍ତ ଫାର୍ମରେ ପୁରୁଣା ଗାଡ଼ିଆ ଗୁଡିକ ମଝିହିଡ଼ ଭଙ୍ଗା ଯାଇଛି ସେଗୁଡିକ ବଡ଼ ଗାଡ଼ିଆ ରୂପ ଦିଆଯାଇଛି । ଏ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରାଯାଉଛି ତାହା ମଧ୍ୟ ସୂଚନା ଫଳକ ଦିଆଯାଇନାହିଁ ।ଉକ୍ତ କାର୍ଯ୍ୟ ଗୁଡିକ କିଏ ତଦାରଖ କରୁଛି କେଉଁ ଯନ୍ତ୍ରୀ କାର୍ଯ୍ୟ ସମୟରେ ଉପସ୍ଥିତ ରହୁଛନ୍ତି ତାହା କାହାକୁ ଜଣାନାହିଁ । ସାଧାରଣଙ୍କ ଅବଗତି ପାଇଁ ଏବଂ କିଏ କୋଟପାଡ଼ ସ୍ଥିତ କାର୍ଯ୍ୟାଳୟ ଦାୟିତ୍ୱରେ ରହିଛନ୍ତି ଅଞ୍ଚଳବାସୀ ଜାଣିପାରୁନାହାନ୍ତି । ଶୀଘ୍ର ଜନସାଧାରଣଙ୍କ ଅବଗତି ପାଇଁ ସମ୍ପୂର୍ଣ୍ଣ ସୂଚନା ଫଳକ ପ୍ରଦାନ କରି କେଉଁ ଅଧିକାରୀ ଏଠାରେ ଦାୟିତ୍ୱରେ ରହିଛନ୍ତି ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବାକୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ପଏଁରୀ ତିହାର ଏଥର ହେବ ରୌପ୍ୟ ଜୟନ୍ତୀ ସମାରୋହ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଏଥର ବ୍ଲକ ସ୍ତରରୁ ଆରମ୍ଭ ହେବ ପଏଁରୀ ତିହାର । ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ସମାରୋହ ମହା ଆଡମ୍ବରରେ ପାଳନ କରିବ । ସେଥିପାଇଁ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାରଙ୍କ ଆବାହକରେ ଏବଂ ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା । ପ୍ରଥମେ ୬ଟି ବ୍ଲକ୍‌ରୁ ଆସିଥିବା ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲ୍ଲାର ସମସ୍ତ ଲୋକକଳା ଓ କଳାକାର ମାନେ କିପରି ତାଙ୍କର ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିପାରିବେ ସେ ବିଷୟରେ ବିଶେଷ ଭାବରେ ଆଲୋଚନା ହୋଇଥିଲା । ପ୍ରଥମେ ଜିଲ୍ଲାର ୬ଟି ବ୍ଲକରେ ପଏଁରୀ ତିହାର ଆୟୋଜନ କରାଯାଉ ବୋଲି ବ୍ଲକ ସଭାପତି ମାନେ ପ୍ରସ୍ତାବ ରଖିଥିଲେ । ବ୍ଲକ କଳା ଓ ସଂସ୍କୃତି ସଂଘର ଉପ ସଭାପତି ମାନଙ୍କ ଅନୁରୋଧ କ୍ରମେ ନଭେମ୍ବର ୧୭ରେ ତରଭା ବ୍ଲକ, ନଭେମ୍ବର ୨୪ରେ ଡୁଙ୍ଗୁରିପାଲି ବ୍ଲକ, ଡିସେମ୍ବର ୧ରେ ବିନିକା ବ୍ଲକ, ଡିସେମ୍ବର ୮ରେ ଉଲୁଣ୍ଡା ବ୍ଲକ, ଡିସେମ୍ବର ୧୫ରେ ସୋନପୁର ବ୍ଲକ ଓ ଡିସେମ୍ବର ୨୨ରେ ବିଏମ୍‌ପୁର ବ୍ଲକ ମାନଙ୍କରେ ଆୟୋଜନ ହେବ ପଏଁରୀ ତିହାର । ଏବଂ ପ୍ରତି ବ୍ଲକରୁ ୩୦୦ ଲୋକକଳାକାର ଭାଗ ନେବେ ।ଜାନୁୟାରୀ ମାସ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଏଁରୀ ତିହାର-୨୦୨୫ । ଜିଲ୍ଲା ସ୍ତରୀୟ ପଏଁରୀ ତିହାରରେ ବିଭିନ୍ନ ଜିଲ୍ଲାରୁ ତଥା ଜିଲ୍ଲା ବାହାର ଆସାମ, ହରିଆଣା, ମଧ୍ୟପ୍ରଦେଶର, କଲିକତା ଓ ଛତିଶଗଡର କଳାକାରମାନେ ତାଙ୍କର ନୃତ୍ୟ ଓ ଗୀତ ପରିବେଷଣ କରିବେ ବୋଲି ସମ୍ପାଦକ ଚୌଧୁରୀ ବିଭାର ସୂଚନା ଦେଇଥିଲେ ।

# ସଦ୍‌ଭାବନା ସମିତି ବୈଠକ:ସବୁ ଜିଲ୍ଲାରେ ସଦ୍‌ଭାବନା ସମିତି ପ୍ରତିଷ୍ଠା ହେବାକୁ ଦାବି



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣମୀ ତିଥିରେ ୫୪୬ତମ ମାସିକ ସନ୍ଥ ଦିବସ ଇଂ. ସର୍ବେଶ୍ୱର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆମ୍ବଦେବ ପୂଜନରେ ନିର୍ବାଣ ପ୍ରାପ୍ତି ପ୍ରସଙ୍ଗରେ ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସ୍ୱୟଂ ବିଷ୍ଣୁ ଅଭୂତ୍ୱା ମା' ବିଷ୍ଣୁ ଅର୍ଜୟେତ ଶାସ୍ତ୍ରବାଣୀର ବ୍ୟାଖାନ କରିଥିଲେ ।ମୁଖ୍ୟ ପ୍ରବକ୍ତା ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ ବକ୍ତବ୍ୟ ପ୍ରସଙ୍ଗରେ କୌଣସି ପ୍ରକାରର ଲାଳସା ନରଖି ପ୍ରତ୍ୟେକ ବିଷୟକୁ ସହଜରେ ଗ୍ରହଣ କରିବା ଦ୍ୱାରା ହିଁ ଆତ୍ମସନ୍ତୋଷ ମିଳିଥାଏ ବୋଲି ଦର୍ଶାଇଥିଲେ । ବିଶେଷ ପ୍ରବକ୍ତା ଡ. ବିଜୟ କୁମାର ଅଗରୱାଲା ନିଜ ମଧ୍ୟରେ ଶାନ୍ତି ଖୋଜିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ରାଜ୍ୟ ପ୍ରାଣୀ ଚିକିତ୍ସା ବିଭାଗର ବର୍ଷୀୟାନ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ଏ ଭାନୁମୂର୍ତ୍ତି (୮୫)ଙ୍କୁ ସଦ୍‌ଭାବନା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଜାପିତାର ସଞ୍ଚାଳିକା ଭଉଣୀ ଉମା, ଗାୟତ୍ରୀର ଗଗନ ବିହାରୀ ବେହେରା, ସତ୍‌ସଙ୍ଗ ବିହାରର ବେଣୁଧର ମହାରଣା, ରାଧାଗୋବିନ୍ଦ ଧାମର ପଶୁପତି ନାଏକ, ସତ୍ୟସାଇର ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ମୟୂରଭଞ୍ଜ ଜିଲ୍ଲା ପରି ରାଜ୍ୟ ସରକାର ଓଡ଼ିଶାର ସବୁ ଜିଲ୍ଲାରେ ଜିଲ୍ଲାପାଳଙ୍କ ସ୍ଥାୟୀ ସଭାପତିତ୍ୱରେ ସର୍ବଧର୍ମ ସମ୍ପ୍ରଦାୟର ସଞ୍ଚାଳକଙ୍କୁ ନେଇ ସଦ୍‌ଭାବନା ସମିତି ଗଠନ କଲେ, ତାହା ଗୋଷ୍ଠୀ ସଂଘର୍ଷ ଦୂର ପାଇଁ ଶାନ୍ତି କମିଟି ରୂପେ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ଦେଇଥିଲେ । ସେହି ଅନୁଯାୟୀ ବୈଠକରେ ସର୍ବସମ୍ମତିକ୍ରମେ ରାଜ୍ୟର ସବୁ ଜିଲ୍ଲାରେ ସଦ୍‌ଭାବନା ସମିତି ପ୍ରତିଷ୍ଠା କରାଯିବା ସକାଶେ ରାଜ୍ୟ ସରକାରଙ୍କ ଠାରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ସତ୍ୟାନନ୍ଦ ଶେଜପଡ଼। ସ୍ୱାଗତ ଉଦ୍‌ବୋଧନୀ ଦେବାପରେ ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ଗୀତା ସ୍ୱାଇଁ ବକ୍ତବ୍ୟ ରଖିଥିଲେ । ଶେଷରେ ସମିତିର ସହସମ୍ପାଦକ ଇଂ. ସରୋଜ କୁମାର ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ ।

# ଦକ୍ଷତା ବିକାଶ ଓ ନିୟୋଜନ ବିଭାଗ ପକ୍ଷରୁ ହେବ ନିଯୁକ୍ତି ପରାମର୍ଶ ମେଳା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାର ଯୁବକ ଯୁବତୀ ମାନଙ୍କୁ କର୍ମସଂସ୍ଥାନ ଯୋଗାଇବା, ସ୍ୱରୋଜଗାରକ୍ଷମ କରିବା ଓ ଯୁବ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରାଇବା ପାଇଁ ଉପଯୁକ୍ତ ତାଲିମ୍ ଓ ମାର୍ଗଦର୍ଶନ ପ୍ରଦାନ କରିବା ନିମନ୍ତେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ବିଭାଗ ପକ୍ଷରୁ ଜିଲ୍ଲାରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏନେଇ ଶୁକ୍ରବାର କେନ୍ଦୁଝର ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ଏହି ସୂଚନା ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବେକାର ଯୁବକ ଯୁବତୀ ମାନଙ୍କୁ ସାମ୍ପ୍ରତିକ ସ୍ଥିତିରେ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ କ୍ଷେତ୍ରରେ କର୍ମ ନିଯୁକ୍ତି ପ୍ରଦାନ ତଥା ସ୍ୱରୋଜଗାରକ୍ଷମ କରିବା ପାଇଁ ଆବଶ୍ୟକୀୟ ତାଲିମ୍ ପ୍ରଦାନ କରିବା ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ପରିଚାଳିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ବିଭିନ୍ନ ଯୋଜନାର ବ୍ୟାପକ କାର୍ଯ୍ୟକାରିତା ନେଇ ବିଶଦ ଆଲୋଚନା କରାଯାଇଥିଲା ।ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକରେ ପର୍ଯ୍ୟାୟକ୍ରମେ ପରାମର୍ଶ ମେଳା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା । ନିଷ୍ପତ୍ତି ଅନୁଯାୟୀ ସଦର ଓ ବାଂଶପାଳ ବ୍ଲକରେ ଯଥାକ୍ରମେ ୨୯ ଓ ୩୦ ଅକ୍ଟୋବରରେ ଏବଂ ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ପାଟଣା, ସାହାରପଡ଼ା, ତେଲକୋଇ, ହରିଚନ୍ଦନପୁର, ଘଟଗାଁ, ଘଷିପୁରା, ଆନନ୍ଦପୁର ଓ ହାଟଡିହି ବ୍ଲକରେ ଯଥାକ୍ରମେ ନଭେମ୍ବର ୧, ୨, ୪, ୫, ୬, ୭, ୮, ୧୧, ୧୨, ୧୩ ଓ ୧୪ରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ସେହିପରି ନଭେମ୍ବର ୨୬ ଓ ୨୭ ତାରିଖରେ କେନ୍ଦୁଝରସ୍ଥିତ ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ଠାରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ସେହିପରି କେନ୍ଦୁଝର ଜିଲ୍ଲା ଗସ୍ତ ବେଳେ ପ୍ରମୁଖ ସଚିବ ହେମନ୍ତ ଶର୍ମା ଜିଲ୍ଲାରେ ଅଧିକ ଆଇଟିଆଇ ଖୋଲିବା ନେଇ ଦେଇଥିବା ପରାମର୍ଶ ଉପରେ ଆଲୋଚନା କରାଯାଇ ଆବଶ୍ୟକୀୟ ପ୍ରାକ୍ ପ୍ରସ୍ତୁତି ସମ୍ପନ୍ନ କରି ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ଆଲୋଚନା ହୋଇଥିଲା ।ଜିଲ୍ଲାର ୧୮ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମାନଙ୍କୁ ଯୁବ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ସରକାରଙ୍କ ଯୋଜନା ନାନୋ ୟୁନିକର୍ନର ବ୍ୟାପକ ପ୍ରସାର କରାଯାଇ ଉପଯୁକ୍ତ ଯୁବକ ଯୁବତୀଙ୍କୁ ଏଥିରେ ଯୋଡ଼ିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା ।ଜିଲ୍ଲା ପ୍ରଶାସନ ସହ ଚୁକ୍ତି ସ୍ୱାକ୍ଷର କରିଥିବା ବିଭିନ୍ନ ତାଲିମ୍ ଓ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ମାନଙ୍କ ସଫଳତା ତର୍ଜମା କରାଯାଇଥିଲା । ଜିଲ୍ଲାର ଯୁବକ ଯୁବତୀଙ୍କୁ ବ୍ୟାପକ ତାଲିମ୍ ଦେବା ସହ ସେମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଅନ୍ୟ ପ୍ରସ୍ତାବିତ ଯୋଜନା ବାବଦରେ ମଧ୍ୟ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଉପ ଆରକ୍ଷୀ ଅଧିକ୍ଷକ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ, ଜିଲ୍ଲାସ୍ତରର ଅଧିକାରୀ ବୃନ୍ଦ, ବୈଷୟିକ ତାଲିମ କେନ୍ଦ୍ରର ମୁଖ୍ୟ, ବିଭିନ୍ନ କମ୍ପାନୀର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ସୋଆ ଗବେଷକଙ୍କ ଦ୍ୱାରା ବିକଶିତହେଲା ଅଭିନବ ଔଷଧୀୟ ସୂତ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଗବେଷକଙ୍କ ଦ୍ୱାରା ବିକଶିତ ହୋଇଥିବା ଏକ ଅଭିନବ ଔଷଧୀୟ ସୂତ୍ର ଯାହା ନିମନ୍ତେ ଗତ ବର୍ଷ ନ୍ୟାସ୍‌ନାଲ୍ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ କର୍ପୋରେସନ୍ (ଏନଆରଡିସି) ସହିତ ସୋଆ ବୈଷୟିକ ଅନୁମତି ନିମନ୍ତେ ବୁଝାମଣା କରିଥିଲା । ସେହି ସୂତ୍ର ଏବେ ବ୍ୟବସାୟିକରଣ ନିମନ୍ତେ ପ୍ରସ୍ତୁତ ଅଟେ ।ଶୁକ୍ରବାର ଦିନ ଏଠାରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଉପସ୍ଥିତିରେ 'ରି-ଡିସ୍‌ପର୍ସିବଲ ମ୍ୟୁକୋଆଡେସିଭ୍ ଗାର୍ଗଲ୍ କମ୍ପୋଜିସନ୍' ନାମକ ଏହି ଉତ୍ପାଦର ଟେକ୍ନୋଲଜି ଟ୍ରାନ୍ସଫର୍ ବୁଝାମଣା ଏନ୍‌ଆର୍‌ଡିସି ଏବଂ ଗୁଜରାଟ୍ ସ୍ଥିତ ସୁୟାସ୍ ଫାର୍ମାସ୍ୟୁଟିକାଲ୍‌ସ୍ ମଧ୍ୟରେ ହୋଇଯାଇଛି । ଏହି ସୂତ୍ରଟିକୁ ସୋଆ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍)ର ପ୍ରଫେସର ଗୌତମ ରଥଙ୍କ ନେତୃତ୍ୱରେ କାର୍ଯ୍ୟ କରୁଥିବା ଏକ ଗବେଷକ ଦଳ ବିକଶିତ କରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାର ଗବେଷକ ମାନଙ୍କ ଦ୍ୱାରା ବିକଶିତ ହୋଇଥିବା କୌଣସି ସୂତ୍ର ବ୍ୟବସାୟିକରଣ ନିମନ୍ତେ ପ୍ରସ୍ତୁତ ହୋଇଛି ବୋଲି ପ୍ରଫେସର ରଥ କହିଛନ୍ତି। ଏଥି ନିମନ୍ତେ ସୋଆରେ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଏବଂ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁୟାସ୍ ଫାର୍ମାସ୍ୟୁଟିକାଲ୍‌ସର ନିର୍ଦ୍ଦେଶକ ରାଜୁ ଶରଦଚନ୍ଦ୍ର ଶାହ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କପିଳ ଶାହ ତଥା ଏନ୍‌ଆର୍‌ଡିସି ପକ୍ଷରୁ ଅମିତାଭ ମିଶ୍ର ଉପସ୍ଥିତ ଥିଲେ। ଏହି ସୂତ୍ର ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରି ପ୍ରଫେସର ରଥ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଗଳାରେ ସଂକ୍ରମଣ ହେଲେ ଗାର୍ଗଲ ନିମନ୍ତେ ବ୍ୟବହୃତ ଔଷଧର ପ୍ରଭାବ ମାତ୍ର ୧୫ ରୁ ୩୦ ମିନିଟ ରହୁଥିବାରୁ ବାରମ୍ବାର ଏହାକୁ ବ୍ୟବହାର କରିବାକୁ ପଡୁଛି। ଗବେଷକ ଟିମ୍‌ଙ୍କ ଦ୍ୱାରା ବିକଶିତ ହୋଇଥିବା ଏହି ରି-ଡିସ୍‌ପର୍ସିବୁଲ ମ୍ୟୁକୋଆଡେସିଭ୍ ଗାର୍ଗଲ କମ୍ପୋଜିସନ୍‌କୁ ଥରେ ବ୍ୟବହାର କରିବା ଦ୍ୱାରା ବ୍ୟବହାରକାରୀଙ୍କ ଗଳାକୁ ୪ ଘଣ୍ଟା ପାଇଁ ଆରାମ ମିଳିପାରିବ।

# ଏଫ୍‌.ଏମ୍ ବିଶ୍ୱବିଦ୍ୟାଳୟର ୩ ସ୍ୱେଚ୍ଛାସେବୀ ପୂର୍ବ ଜୋନ୍ ପ୍ରାକ୍ ସାଧାରଣତନ୍ତ୍ର ପରେଡ଼ ପାଇଁ ଚୟନ

**ବାଲେଶ୍ୱର, ନ୍ୟୁଜ୍**



ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏନ୍.ଏସ୍.ଏସ୍. ବ୍ୟୁରୋ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ପରେଡ୍ ଚୟନ ଶିବିରରେ ଉଭୟ ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୫୨ ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୨୦ ଜଣ ସ୍ୱେଚ୍ଛାସେବୀ ଚୟନ ହୋଇ ରାଉରକେଲା ସ୍ଥିତ ରାଜ୍ୟସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ପରେଡ୍ ଚୟନ ଶିବିରରେ ଅଂଶ ଗ୍ରହଣ କରିଥିଲେ ।ସେହି ପରେଡ୍ ଚୟନ ଶିବିରରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୨୦୦ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରି ୫୨ ଜଣ ସ୍ୱେଚ୍ଛାସେବୀ ଚୟନ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ୩ ଜଣ ସ୍ୱେଚ୍ଛାସେବୀ ଚୟନ ହୋଇ ଆସନ୍ତା ନଭେମ୍ବର ୬ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆସାମ୍‌ରେ ହେବାକୁ ଥିବା ପୂର୍ବ ଜୋନ୍ ପ୍ରାକ୍ ସାଧାରଣତନ୍ତ୍ର ଦିବସ ପରେଡ୍ ଚୟନ ଶିବିରରେ ଯୋଗଦାନ କରିବେ । ଚୟନ ହୋଇଥିବା ସ୍ୱେଚ୍ଛାସେବୀ ମାନେ ହେଲେ ଜ୍ୟୋତ୍ସ୍ନାରାଣୀ ପରିଡ଼ା (ତୃପ୍ତି ମହିଳା ମହାବିଦ୍ୟାଳୟ, ବାସୁଦେବପୁର, ଭଦ୍ରକ), ସୁମନ ଦଳାଇ (ଆର୍.ଆଇ.ଏଚ୍.ଏସ୍, ଭୋଗରାଇ) ଏବଂ ଅଭିଷେକ ଏ. ବିଶ୍ୱାଳ (ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର) ମନୋନୀତ ହୋଇଥିବା ୩ ସ୍ୱେଚ୍ଛାସେବୀ ମାନଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା, ଭଦ୍ରକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝା ସମେତ ବିଭିନ୍ନ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ତଥା ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀମାନେ ଶୁଭେଚ୍ଛା ସହ ଆର୍ଶୀବାଦ ଜଣାଇଛନ୍ତି ।

# ବିଲୁପ୍ତ କେନ୍ଦରା ଗୀତ ପରମ୍ପରା ବଜାୟ ରଖିଛନ୍ତି ସୁଶାନ୍ତ ନାଥ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦିନ ଥିଲା ଗାଁ ଗଣ୍ଡା ଓ ସହରରେ ଏକ ନିର୍ଦ୍ଦିଷ୍ଟ ବର୍ଗର ଲୋକେ କୌଳିକ ବୃତ୍ତିକୁ ଆଧାର କରି କେନ୍ଦରା ବଜାଇ ଭଜନ, ଚୌତିଶା, ଲୋକଗୀତ ଗାଇ ପରିବାର ପ୍ରତିପୋଷଣ କରୁଥିଲେ । ଏବେ ଆଧୁନିକତାର ବଶବର୍ତ୍ତୀ ହୋଇ ଲୋକମାନେ କୌଳିକ ବୃତ୍ତିକୁ ଭୁଲିଗଲେଣି । ପାରମ୍ପରିକ ବାଦ୍ୟ ଯନ୍ତ୍ରଗୁଡ଼ିକ ଲୋପ ପାଇଗଲାଣି । କେନ୍ଦରା ବଜାଇ ଗୀତ ମାଧ୍ୟମରେ ଅନ୍ୟାୟକୁ ବିରୋଧ କରିବା ସଙ୍ଗେ ଧର୍ମ ପ୍ରତି ଆକୃଷ୍ଟ ହୋଇ ଶାନ୍ତି ଭାଇଚାରା ରକ୍ଷା କରିବା ଲାଗି ନିର୍ଦ୍ଦିଷ୍ଟ ଜାତିର (ନାଥ) ଲୋକମାନେ ଜନ ସଚେତନତା ସୃଷ୍ଟି କରୁଥିଲେ । ଏବେ କେନ୍ଦରା ବଜାଇବା ଗୀତ କ୍ରମଶଃ ଲୋପ ପାଇବାକୁ ବସିଲାଣି । କୌଳିକ ବୃତ୍ତି ଛାଡ଼ି ଅନ୍ୟ ପନ୍ଥା ଗ୍ରହଣ କରିବା ଦ୍ୱାରା କେନ୍ଦରା ବାଦ୍ୟ ଶୁଣିବାକୁ ମିଳୁନାହିଁ । ତଥାପି ଏବେ ମଧ୍ୟ ପେଟ ପୋଷିବା ଲାଗି ହାତଗଣତି କେତେ ଜଣ କେନ୍ଦରା ବାଦ୍ୟକୁ ବଞ୍ଚାଇ ରଖିଛନ୍ତି । ଦୀର୍ଘ ବର୍ଷ ପରେ ସହରରେ ସୁଶାନ୍ତ କୁମାର ନାଥ ନାମକ ଜଣେ



ବ୍ୟକ୍ତି କେନ୍ଦରା ବଜାଇ ଭଜୁ କି ନା ରାମରେ ଗୋବିନ୍ଦ ଗୀତ ବୋଲି ଭିକ୍ଷା ବୃତ୍ତି କରୁଥିବା ଦେଖିବାକୁ ମିଳିଥିଲା । ସୁଶାନ୍ତଙ୍କ ଘର ଗଞ୍ଜାମ ଜିଲ୍ଲା ବାସୁଦେବପୁର ଗ୍ରାମରେ । ସେ କୌଳିକ ବୃତ୍ତିକୁ ନ ଛାଡ଼ି କେନ୍ଦରା ବଜାଇ ଭିକ୍ଷା ବୃତ୍ତି କରୁଛନ୍ତି । କିନ୍ତୁ ଏବେ କେନ୍ଦରା ଗୀତ ଶୁଣିବାକୁ ଆଉ ଭିଡ଼ ଜମୁନାହିଁ । ଆଧୁନିକ ଯୁଗର ଯୁବପିଢି ଏହାକୁ ପସନ୍ଦ କରୁନାହାନ୍ତି । ସେ ସରକାରୀ ଯୋଜନାରୁ ବଞ୍ଚିତ । ପରିବାର ପ୍ରତିପୋଷଣ କରିବା ଲାଗି କେନ୍ଦରାକୁ ଆଦରି ନେଇଛନ୍ତି । ହେଲେ ଏହା ତାଙ୍କର ପରିବାର ପ୍ରତିପୋଷଣ ଲାଗି ଯଥେଷ୍ଟ ହେଉନାହିଁ । ତଥାପି ନିଜର କୌଳିକ ବୃତ୍ତିକୁ ମୁହଁ ନ ଫେରାଇ ପୂର୍ବ ପୁରୁଷଙ୍କ ବୃତିକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି । ପ୍ରାୟ ୧ ଶହରୁ ଅଧିକ ନାଥ ପରିବାର ଏବେ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନା ସହ କଳାକାର ଭତ୍ତା ମଧ୍ୟ ସେମାନଙ୍କ ଲାଗି ସାତସପନ ବୋଲି ସୁଶାନ୍ତ କ୍ଷୋଭର ସହ କହିଛନ୍ତି ।

# ଶ୍ରମିକ କାର୍ଡ ଓ ସାଇକେଲ କରାଇ ଦେବି କହି ଠକେଇ ଅଭିଯୋଗ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ଶ୍ରମିକ କାର୍ଡ ଓ ସାଇକେଲ୍ କରାଇ ଦେବି କହି ଠକେଇ ହୋଇଥିବା ଅଭିଯୋଗରେ ଶୁକ୍ରବାର କେନ୍ଦୁଝର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଧୋବାଡିହା ସ୍ଥିତ ଜଣେ ବ୍ୟକ୍ତି ଏହି ଘଟଣାରେ ସଂପୃକ୍ତ ଥିବା ନେଇ ଘଟଗାଁ ବ୍ଲକ ଲଙ୍ଗଳକଣ୍ଟି ଗ୍ରାମର ଶକୁନ୍ତଳା ଗିରି, ଶ୍ରୀପଞ୍ଚାନନ ମହାକୁଡ, ଶୁଶିଳା ମହାକୁଡ, ତପସ୍ୱିନୀ ଗିରି, ଭାନୁମତୀ ନାୟକ, ରଞ୍ଜିତା ନାୟକ, ସତ୍ୟଭାମା ନାଏକ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ, ସମ୍ପୃକ୍ତ ବ୍ୟକ୍ତି ଲଙ୍ଗଳକଣ୍ଟି ଗ୍ରାମକୁ ଯାଇ ଶ୍ରମକ କାର୍ଡ, ସାଇକେଲ ଓ ବାସଗୃହ ଆଦି ସୁବିଧା ଯୋଗାଇ ଦେବାକୁ କହିଥିଲେ । ଏଣୁ କିଛି ଅର୍ଥ ଦେବାକୁ କହି ଲୋକମାନଙ୍କ ଠାରୁ ସେ ଅର୍ଥ ଆଦାୟ କରିଥିଲେ । ଏହାର ରସିଦ୍ ଆମ ଓଡ଼ିଶା କୃଷି ଏବଂ ଗ୍ରାମୀଣ ମଜଦୁର୍ ସଂଘ ଓକ୍ସିଜେନ୍ ବିଲ୍‌ଡିଙ୍ଗ ଧୋବାଡିହାରୁ ଆଣିବାକୁ ଶକୁନ୍ତଳା ଗିରି ଆଣି ଲୋକମାନଙ୍କୁ ଦେବେ ବୋଲି କହିଥିଲେ । ପରେ ତାଙ୍କଠାରୁ ରସିଦ୍ ଆଦାୟ କରାଯାଇଥିଲା। ଦୀର୍ଘଦିନ ବିତିଯାଇଥିଲେ ହେଁ ଲୋକଙ୍କୁ ଶ୍ରମ କାର୍ଡ ଓ ସୁବିଧା ମିଳିପାରିଲା ନାହିଁ । ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଘଟଣାରେ ୫ ଶହରୁ ଉର୍ଦ୍ଧ୍ୱ ଲୋକେ ଠକାମିର ଶିକାର ହୋଇଛନ୍ତି । ଏଣୁ ତଦନ୍ତ କରିବା ସହିତ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି । ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ନକଲ୍ ପ୍ରେରଣ କରାଯାଇଛି ।

# ଆଦର୍ଶ ଶିକ୍ଷକଙ୍କ ସ୍ମୃତିସଭା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଦର୍ଶ ଶିକ୍ଷକ ତଥା ସମାଜସେବୀ ସ୍ୱର୍ଗତ ସୁଶିଲ କୁମାର ଜେନାଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଗୋପଛକ ସ୍ଥିତ କମଳ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଜେନା ପୌରାଞ୍ଚଳର ବଳଦେବ ହାଇସ୍କୁଲ୍‌ରେ ଶିକ୍ଷକତା ଜୀବନ ଆରମ୍ଭ କରିବା ସହ ଅବସର ଗ୍ରହଣ କରିବା ପରେ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସଂପୃକ୍ତ ରହି ଅବସର ଜୀବନ ଅତିବାହିତ କରିଥିଲେ । ଜଣେ ଦକ୍ଷ ଓ ଆଦର୍ଶ ଶିକ୍ଷକ ଭାବେ ବହୁ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ଶୋକ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ପାରାଦ୍ୱୀପର ଯୁବନେତା ପ୍ରତାପ ମିଶ୍ର, ପବିତ୍ର ପରିଡା, ରୋଜାଲିନୀ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସ୍ମୃତିସଭାରେ ଉପସ୍ଥିତ ରହି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# କେଭିଏସ୍ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ପଦକ ଜିତିଲେ ମୁକେଶ



**ଭବାନୀପାଟଣା**

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ମୁକେଶ ମହାନନ୍ଦ କେଭିଏସ୍ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ତିନୋଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ଜିଲ୍ଲା ତଥା ସ୍କୁଲ ପାଇଁ ଗୌରବ ଆଣିଛନ୍ତି। କେରଳର ଥିରୁଅନନ୍ତପୁରମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ ଉଚ୍ଚଡିଆଁରେ ରୌପ୍ୟ ପଦକ ପାଇଥିଲେ। ଏହାସହ ତାଙ୍କୁ ୩୩ ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏହି ସଫଳତା ପରେ ଆସନ୍ତା ଡିସେମ୍ବର ୨ରୁ ୫ ରାଞ୍ଚିରେ (୧୪ବର୍ଷରୁ କମ୍ ବର୍ଗ) ହେବାକୁ ଥିବା ସ୍କୁଲ ଗେମ୍ସ ଫେଡେରେସନ ଅଫ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଟୁର୍ଣ୍ଣାମେଣ୍ଟ ପାଇଁ ମୁକେଶ ଚୟନ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ସୌରଭ ସାର୍କିଙ୍କ ମାର୍ଗଦର୍ଶନରେ ମୁକେଶ ଜାତୀୟ ସ୍ତରୀୟ ସଫଳତା ପାଇଛନ୍ତି। ସ୍ଥାନୀୟ ସ୍କୁଲ ଅଧ୍ୟକ୍ଷ ଭୀମସେନ ପଣ୍ଡା ତାଙ୍କର କଠିନ ପରିଶ୍ରମ ଓ ନିଷ୍ଠାକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ପରେ ସ୍କୁଲରେ ମୁକେଶଙ୍କୁ ସମ୍ମାନିତ କରାଯାଇଛି।

## ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

# ସଙ୍ଘର୍ଷ ସତ୍ତ୍ୱେ ବାଜି ମାରିନେଲା କିୱି ଦଳ

**ବେଙ୍ଗାଲୁରୁ**

ବେଙ୍ଗାଲୁରୁ ଟେଷ୍ଟକୁ ହାତେଇ ନେଇଛି ନ୍ୟୁଜିଲାଣ୍ଡ। ସଙ୍ଘର୍ଷ ସତ୍ତ୍ୱେ ଭାରତ ହାତରୁ ଖସି ଯାଇଛି ଏହି ମ୍ୟାଚ୍। ଫଳରେ ୦-୧ରେ ଆଗରେ ରହିଛି କିୱି ବାହିନୀ। ବର୍ଷା ବାଧକ ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୧୦୭ ରନର ଟାର୍ଗେଟ ଦେଇଥିଲା ଭାରତ, ଯାହାକୁ ସହଜରେ ଜିତି ନେଇଛି ଟମ୍ ଲାଥମ୍‌ଙ୍କ ବାହିନୀ। ୮ ୱିକେଟରେ ବିଜୟୀ ସହ ୦-୧ରେ ଆଗରେ ରହିଛି ଦଳ।



ଅକ୍ଟୋବର ୧୬ରେ ବେଙ୍ଗାଲୁରର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଥିଲା। ପ୍ରବଳ ବର୍ଷା କାରଣରୁ ପ୍ରଥମ ଦିନର ଖେଳ ସମ୍ପୂର୍ଣ୍ଣ ରୂପେ ବାତିଲ୍ ହୋଇ ଯାଇଥିଲା। ଏହାପରେ ଦ୍ୱିତୀୟ ଦିନରେ ମ୍ୟାଚ୍ ଆରମ୍ଭ ହୋଇ ଥିବାବେଳେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ରୋହିତ ଶର୍ମା।

ହେଲେ କ୍ୟାପ୍ଟେନଙ୍କ ଏହି ନିଷ୍ପତ୍ତି ଭୁଲ୍ ପ୍ରମାଣିତ ହୋଇଥିଲା। ପ୍ରଥମ ଇନିଂସରେ ଦଳ ସବୁଠୁ ନୈରାଶ୍ୟ ଜନକ ପ୍ରଦର୍ଶନ କରିଥିଲା। ମାତ୍ର ୪୬ ରନରେ ଅଲ୍ ଆଉଟ୍ ହୋଇ ଯାଇଥିଲା ଟିମ୍ ଇଣ୍ଡିଆ। ଦଳର ପାଞ୍ଚ ଜଣ ଖେଳାଳି ଖାତା ଖୋଲି ପାରିନଥିଲେ।

ଏହାପରେ ନିଜର ପ୍ରଥମ ଇନିଂସ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଜଗିରଖି ଖେଳିବା ସହ ବଡ଼ ସ୍କୋର୍ କରିଥିଲା। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୪୦୨ ରନ୍ କରିଥିଲା। ଦଳ ପକ୍ଷରୁ ରଚିନ ରବୀନ୍ଦ୍ର ୧୩୪ ରନର ଶତକୀୟ ପାଳି ଖେଳି ଥିବାବେଳେ ଡେଭନ କନୱେ ୯୧ ରନ୍ କରିଥିଲେ।

ଏହା ପରେ ନିଜର ଦ୍ୱିତୀୟ ଇନିଂସରେ ଭାରତ ଦମ୍‌ଦାର ଆରମ୍ଭ କରିଥିଲା। ଦଳ ଏକଦମ୍ ଦିନିକିଆ ମ୍ୟାଚ୍ ଭଳି ପ୍ରଦର୍ଶନ କରିଥିଲା। ମାତ୍ର ୪୦୨ ରନର ସ୍କୋରକୁ ପୂରା କରିବା ସହ ବଡ଼ ସ୍କୋରର ଟାର୍ଗେଟ୍ ଦେବା ଦଳ ପାଇଁ କଷ୍ଟକର ହୋଇଥିଲା।

ଟିମ୍ ଇଣ୍ଡିଆ ଦ୍ୱିତୀୟ ଇନିଂସରେ ୪୬୨ ରନ୍ କରିଥିଲା। ଶର୍ଫରାଜ ଖାନ ୧୫୦ ରନର ବଡ଼ ଭାଗିଦାରୀ ଯୋଡ଼ିଥିଲେ। ସେହିପରି ଋଷଭ ପନ୍ତ ୯୯, ବିରାଟ କୋହଲି ୭୦, ରୋହିତ ଶର୍ମା ୫୨, ଯଶସ୍ୱୀ ଜୈସ୍ୱାଲ ୩୫, ରବିଚନ୍ଦ୍ରନ ଅଶ୍ୱିନ ୧୫, କେଏଲ ରାହୁଲ ୧୨, ରବୀନ୍ଦ୍ର ଜାଡେଜା ୫ ଏବଂ କୁଳଦୀପ ଯାଦବ (ଅପରାଜିତ ଥିଲେ) ୬ ରନ୍ କରିଥିଲେ।

# ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଟିମ୍‌ରେ ୱାଶିଂଟନ ସୁନ୍ଦରଙ୍କୁ ସାମିଲ କଲା ବିସିସିଆଇ

**ମୁମ୍ବାଇ**



ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ବେଙ୍ଗାଲୁରୁ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇ ଥିଲା। ଏହି ମ୍ୟାଚ୍‌ରେ ଭାରତକୁ ୮ ଉଇକେଟରେ ପରାଜୟର ସାମ୍ନା କରିବାକୁ ପଡିଛି। ନ୍ୟୁଜିଲାଣ୍ଡ ୩୬ ବର୍ଷ ପରେ ଭାରତ ମାଟିରେ ଟେଷ୍ଟ ମ୍ୟାଚରେ ବିଜୟ ହାସଲ କରିଛି। ଏବେ ଏହି ସିରିଜର ଦ୍ୱିତୀୟ ମ୍ୟାଚ୍ ୨୪ ଅକ୍ଟୋବରକୁ ପୁଣେରେ ଖେଳାଯିବ। ଏବେ ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ବିସିସିଆଇର ଚୟନ କମିଟି ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସିରିଜ୍‌ର ବାକି ଦୁଇ ମ୍ୟାଚ୍ ପାଇଁ ଟିମ୍‌ରେ ସାମିଲ କରାଯାଇଛି। ସୁନ୍ଦର ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ପୂର୍ବରୁ ଭାରତୀୟ ଟିମ୍ ସହିତ ଯୋଗଦେବେ। ସୁନ୍ଦର ନିକଟରେ ରଣଜୀ ଟ୍ରଫି ଦ୍ୱିତୀୟ ରାଉଣ୍ଡରେ ତାମିଲନାଡୁ ପାଇଁ ଖେଳି ୧୫୨ ରନର ଚମତ୍କାର ଇନିଂସ ଖେଳିଥିଲେ। ତେବେ ଅତିରିକ୍ତ ଅଲରାଉଣ୍ଡର ବିକଳ୍ପ ଭାବରେ ୨୫ ବର୍ଷୀୟ ୱାଶିଂଟନ୍ ସୁନ୍ଦରଙ୍କୁ କାହିଁକି ଭାରତୀୟ ଦଳରେ ଅନ୍ତର୍ଭୁକ୍ତ କରାଯାଇଛି ତାହା ବିସିସିଆଇ ସ୍ପଷ୍ଟ କରି ନାହିଁ। ଯେହେତୁ ଭାରତୀୟ ଦଳରେ ରବିଚନ୍ଦ୍ରନ ଅଶ୍ୱିନ, ରବିନ୍ଦ୍ର ଜାଡ଼େଜା ଏବଂ ଅକ୍ଷର ପଟେଲଙ୍କ ଭଳି ଖେଳାଳି ଅଛନ୍ତି। ଭାରତ ବର୍ତ୍ତମାନ ୧୬ ଜଣିଆ ଦଳ ସହିତ ପୁଣେ ଏବଂ ମୁମ୍ବାଇ ଟେଷ୍ଟରେ ଓହ୍ଲାଇବ।

ଭାରତୀୟ ଟିମ୍: ରୋହିତ ଶର୍ମା(ଅଧିନାୟକ), ଜସପ୍ରୀତ ବୁମ୍‌ରା (ଉପ-ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ଶୁଭମାନ ଗିଲ, ବିରାଟ କୋହଲି, କେ.ଏଲ୍ ରାହୁଲ, ସର୍ଫରାଜ ଖାନ, ଋଷଭ ପନ୍ତ (ଉଇକେଟ ରକ୍ଷକ), ଧ୍ରୁଭ ଜୁରେଲ (ଉଇକେଟ ରକ୍ଷକ), ରବିଚନ୍ଦ୍ରନ ଅଶ୍ୱିନ୍, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଆକାଶ ଦୀପ, ୱାଶିଂଟନ୍ ସୁନ୍ଦର।

# କଣ୍ଟାବାଞ୍ଜିରେ ଜାତୀୟସ୍ତରୀୟ ଖୋଖୋ ପ୍ରତିଯୋଗିତା : ଗୁଜରାଟକୁ ହରାଇ ଓଡ଼ିଶା ଚାମ୍ପିଅନ୍



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ରେଳବାଇ ଖେଳପଡ଼ିଆ ଠାରେ ଗତ ଦୁଇ ଦିନ ହେଲା ଜାତୀୟ ସ୍ତରୀୟ ୭ ବ୍ଲକ୍ ଖୋକୋ ପ୍ରତଯୋଗିତା ଚାଲିଥିଲା। ତେବେ ଫାଇନାଲ୍ ଖେଳ ସହ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ତୁରେକେଲା ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାକୁଡ଼, କାର୍ଯ୍ୟକାରୀ ସଭାପତି ସନ୍ତୋଷ ଅଗ୍ରୱାଲ, ମୁଖ୍ୟ ସଂଯୋଜକ ସୁଭେନ୍ଦ୍ର ମହାନ୍ତି, ସାଧାରଣ ସଂପାଦକ ଚିନ୍ମୟ ଯୋଶୀ, ଓଡ଼ିଶା ୭ବ୍ଲକ ଖୋଖୋ ସଂଘ ସାଧାରଣ ସଂପାଦକ ସନ୍ତୋଷ ପାଲ, ଜାତୀୟ ୭ବ୍ଲକ ଖୋଖୋ ସଂଘ ସାଧାରଣ ସଂପାଦକ ବିଜୟାନନ୍ଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଫାଇନାଲ ଖେଳରେ ପୁରୁଷ ଗୁଜରାଟ ଓ ଓଡ଼ିଶା ମଧ୍ୟରେ ହୋଇଥିବା ବେଳେ ଓଡ଼ିଶା ଦଳ ଏଥିରେ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲା। ସେହିପରି ମହିଳା ଓଡ଼ିଶା (ୱେଷ୍ଟ) ଓ ଓଡ଼ିଶା (ସି) ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଓଡ଼ିଶା (ୱେଷ୍ଟ) ଫାଇନାଲରେ ବିଜୟ ହାସଲ କରିଛି। ତେବେ ମୁଖ୍ୟ ଅତିଥି ଶ୍ରୀ ମହାଲିଙ୍ଗଙ୍କ ଦ୍ୱାରା ଦୁଇ ଦଳକୁ ଟ୍ରଫି ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ତେବେ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଭଳି ସ୍ଥାନରେ ଏଭଳି ଖେଳ ଆୟୋଜିତ ହୋଇଥିବାରୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସମସ୍ତଙ୍କୁ ଶୁଭେଚ୍ଛା ଦେଇ କୃତଜ୍ଞତା ଜ୍ଞାପନ କରି ଭିତ୍ତିଭୂମି ଉପରେ ଆଗାମୀ ଦିନରେ ଗୁରୁତ୍ୱ ଦିଆଯିବ ଏବଂ ଏଭଳି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ୭ବ୍ଲକ୍ ଖୋଖୋ ଖେଳକୁ କମିଟିର ସମସ୍ତ ସଦସ୍ୟ ସହଯୋଗ ରଖିଥିଲେ। ଏହି ଖେଳକୁ କଣ୍ଟାବାଞ୍ଜିରେ ସ୍ୱତନ୍ତ୍ର ଟେକ୍‌ନିକାଲ ଟିମ୍ ସମେତ କମିଟିର ପ୍ରଶାନ୍ତ ମଲ୍ଲିକ, ରଶ୍ମିତା ଭୋଇ, ଦେବାଶିଷ ନାଗ, କୃଷ୍ଣଚନ୍ଦ୍ର ବାରିକ, ସଞ୍ଜୟ କୁମାର ସାହୁ, ଚିତ୍ରସେନ ସ୍ୱାଇଁ, ମନୋଜ କୁମାର ପାତ୍ର, ସସ୍ମିତା ବେହେରା, ଅମିତ ଜାଲ, ସୁନୀଲ କୁନାର ପ୍ରଧାନ, ଅର୍ଜୁନ କୁମାର ସାହୁ, ଅଞ୍ଜନ ବେହେରା, ଲୋଚନ ରାଣା, ବିନୋଦ ମହାପାତ୍ର, ରଜେନ୍ଦ୍ର ଧରୁଆ, ମନୋଜ ମହାପାତ୍ର, ଅମିତ ପାଣିଗ୍ରାହୀ, ଅମର ବାଗ, କମିଟିର ଉପସଭାପତି ଅନୀଲ ବିଭାର, ପ୍ରବଜିତ ସିଂହ ସାଲୁଜା, କୈଳାଶ ଦୀପ, ସହ ସମ୍ପାଦକ ପୁଷ୍ପକେତୁ ବେହେରା, ମୋହନ ସୋନି, ପ୍ରଦୀପ ବାଗ, ପପୁ ଜୁଏଡ଼ ସହ ଅନ୍ୟ ସଦସ୍ୟ ମାନେ ସାମିଲ ରହି ସହଯୋଗ କରୁଛନ୍ତି।

# ରାଜ୍ୟସ୍ତରୀୟ ହକିରେ ମୟୂରଭଞ୍ଜରୁ ୧୬ କ୍ରୀଡ଼ାବିତ୍ ସାମିଲ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା ଚଳିତ ୨୨ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ମ୍ୟୁନିସିପାଲ ହାଇସ୍କୁଲ ଠାରେ ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଳକ ଟିମ୍ ମ୍ୟାନେଜର ଭାବେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବିଶୋଇର ପିଇଟି ହରେକୃଷ୍ଣ ସେଠୀଙ୍କ ନେତୃତ୍ୱରେ ୧୬ ଜଣ କ୍ରୀଡ଼ାବିତ୍ ଯୋଗ ଦେଇଛନ୍ତି। ଅଂଶଗ୍ରହଣ କରିଥିବା ପ୍ରତିଯୋଗିତାମାନଙ୍କ ମଧ୍ୟରେ ୧୭ ବର୍ଷରୁ କମ ବାଳକ ବିଭାଗରେ ବାଜିନାଥ ମାରାଣ୍ଡି, ସୁରଜ ହାଁସଦା, ସୁନୀଲ କୁମାର ହାଁସଦା, ରଞ୍ଜିତ ସିଂ, କାଦୁ ମୁର୍ମୁ, ସୁମନ୍ତ ହେମ୍ବ୍ରମ, ବିମଳ ନାଏକ, କୃଷ୍ଣଚନ୍ଦ୍ର କେଣ୍ଡାଙ୍କେଲ, କ୍ରିଷ୍ଣା ମହାନ୍ତ, ଭୀମ ହାଁସଦା, ରାହୁଲ ସୋରେନ, ଶାଙ୍ଗ ହାଁସଦା, ଗୋପୀନାଥ ମାର୍ଣ୍ଡି, ଜିତରାୟ ହେମ୍ବ୍ରମ, ବୁଢ଼ାନ ସିଂ ବାଇପାଇ, ଡାକ୍ତର ବେଶ୍ରା। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି।

# ରାଜ୍ୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କୃତିତ୍ୱ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ପୁରୀ ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ୍ ମ୍ୟାନେଜର ଭାବେ ପିଟିଆଇ ଜିତେନ୍ଦ୍ର ଯୋଶୱାଲ ଏବଂ ବାଳିକା ଟିମ୍ ମ୍ୟାନେଜର ଭାବେ ପିଇଟି ଜ୍ୟୋତିର୍ମୟୀ ଦାସମହାପାତ୍ରଙ୍କ ନେତୃତ୍ୱରେ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରୁ ୨୭ ରୁ ୨୯ କେ.ଜି. ଓଜନରେର ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଶତ୍ରୁଘ୍ନ ମଡୁଆଲ ରାଜ୍ୟରେ ପ୍ରଥମ ହୋଇ ଗୋଲ୍ଡ ମେଡାଲ, ୨୬ ରୁ ୨୯ କେ.ଜି. ଓଜନରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ସିଂ ରାଜ୍ୟରେ ପ୍ରଥମ ହୋଇ ଗୋଲ୍ଡ ମେଡଲ, ୩୨ ରୁ ୩୫ କେ.ଜି. ଓଜନରେ ୧୪ ବର୍ଷରୁ ବାଳିକା ବିଭାଗରେ ଦିବ୍ୟସ୍ମିତା ମଡୁଆଲ ରାଜ୍ୟରେ ଦ୍ୱିତୀୟ ହୋଇ ସିଲଭର ମେଡଲ, ୩୨ ରୁ ୩୫ କେ. ଜି. ଓଜନରେ ୧୭ ବର୍ଷରୁ ବାଳିକା ବିଭାଗରେ ପୂର୍ଣ୍ଣିମା ସିଂ ରାଜ୍ୟରେ ଦ୍ୱିତୀୟ ହୋଇ ସିଲ୍‌ଭର ମୋଲ ଗ୍ରହଣ କରି ପୁରସ୍କୃତ ହେବା ସହିତ ମୟୂରଭଞ୍ଜ ଜିଲ୍ଲା ୧୪ ବର୍ଷରୁ କମ୍ ବାଳିକା ବିଭାଗ ସମଗ୍ର ଓଡ଼ିଶା ରାଜ୍ୟରେ ରନର୍ସଅପ୍ ହୋଇଛନ୍ତି। ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଚାମ୍ପିଅନ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ନଭେମ୍ବର ୧୭ରେ ଟାଟା ଷ୍ଟିଲ୍‌ର ନୂଆମୁଣ୍ଡିରେ ରନ-ଏ-ଥନ

- ତିନୋଟି ବର୍ଗରେ ଦୌଡ଼: ୧୦, ୭ ଏବଂ ୫ କିମି
- ସାଧାରଣ ଓ ସ୍ଥାନୀୟ ବର୍ଗର ବିଜେତାଙ୍କୁ ୫.୬୭ ଲକ୍ଷ ଟଙ୍କାର ପୁରସ୍କାର ରାଶି
- ଟାଟା ଷ୍ଟିଲ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ଲେଖାଏଁ ଚାରା ରୋପଣ କରିବ
- ଦୌଡ଼ରେ ଭାଗନେବେ ୫୦୦୦ ପ୍ରତିଯୋଗୀ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଟାଟାଷ୍ଟିଲ ନୂଆମୁଣ୍ଡି ରନ୍-ଏ-ଥନ୍‌ର ପଞ୍ଚମ ସଂସ୍କରଣ ଆସନ୍ତା ନଭେମ୍ବର ୧୭ରେ ଅନୁଷ୍ଠିତ ହେବ। ଏଥିପାଇଁ ଅକ୍ଟୋବର ୧୮ ତାରିଖରୁ ବିଭିନ୍ନ ବର୍ଗ ପାଇଁ ପଞ୍ଜିକରଣ ଆରମ୍ଭ ହେବ। ଟାଟା ଷ୍ଟିଲର ମହାପ୍ରବନ୍ଧକ (ଓଏମ୍‌କ୍ୟୁ) ଅତୁଲ କୁମାର ଭଟ୍ଟନାଗର ଭ୍ୟାଲି କ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



ଗତବର୍ଷ ଯୋଡ଼ାକୁ ସମ୍ପ୍ରସାରିତ ହୋଇଥିବା ଏହି ଦୌଡ଼ ପ୍ରତିବର୍ଷ ଯୋଡ଼ା ଓ ନୂଆମୁଣ୍ଡି ମଧ୍ୟରେ ଅନୁଷ୍ଠିତ ହେବ। ଦେଶବ୍ୟାପୀ ଉଭୟ ସ୍ଥାନୀୟ ବାସିନ୍ଦା ଏବଂ ଦୌଡ଼କୁଦ ପ୍ରେମୀଙ୍କୁ ନଜରରେ ରଖି ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ଯାହା ଏକ ସୁସ୍ଥ ଓ ସବୁଜ ଭବିଷ୍ୟତକୁ ପ୍ରୋତ୍ସାହିତ କରୁଛି। ଏହି ଅବସରରେ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୌହ ଖଣିର ମୁଖ୍ୟ ଜିଭି ସତ୍ୟନାରାୟଣ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଖଣି ମୁଖ୍ୟ ରାହୁଲ କିଶୋର, ଆରଏମ୍‌ପି ମୁଖ୍ୟ ସୁଜିତ୍ କୁମାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ଟି-ସାର୍ଟ ଉନ୍ମୋଚନ କରାଯାଇଥିଲା। ନୂଆମୁଣ୍ଡି ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଦୌଡ଼ରେ, ପୁରୁଷ ଓ ମହିଳା (୧୫ ବର୍ଷ କିମ୍ବା ତା'ଠାରୁ ଅଧିକ) ମାନଙ୍କ ପାଇଁ ୧୦ କିମି ଏବଂ ୭ କିମି ଦୌଡ଼; ୧୬ ବର୍ଷରୁ କମ୍ ବୟସର ବାଳକ ଓ ବାଳିକାମାନଙ୍କ ପାଇଁ ୫ କିମି ଦୌଡ଼ ଏବଂ ବିଶେଷ ଦକ୍ଷତା ଥିବା ଲୋକଙ୍କ ପାଇଁ ଏକ ୨ କିମି ଦୌଡ଼ ସାମିଲ ରହିଛି। ଏହି ଦୌଡ଼ରେ ମୋଟ ପୁରସ୍କାର ରାଶି ୫,୬୭,୦୦୦ ଟଙ୍କା (୫ ଲକ୍ଷ ୬୭ହଜାର ଟଙ୍କା) ରହିଛି। ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦର୍ଶାଇ ଟାଟା ଷ୍ଟିଲ୍ ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ଲେଖାଏଁ ଚାରା ରୋପଣ କରିବ। ଏହି ଦୌଡ଼ରେ ସାଧାରଣ ବର୍ଗରେ ୧୦ କିମି ଦୌଡ଼ ପାଇଁ ପୁରୁଷ, ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୫୧ ହଜାର ଟଙ୍କା, ୪୧ ହଜାର ଟଙ୍କା ଓ ୩୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ୭ କିମି ବର୍ଗରେ ୨୫ ହଜାର ଟଙ୍କା, ୨୦ ହଜାର ଟଙ୍କା ଓ ୧୫ ହଜାର ଟଙ୍କା ଏବଂ ୫କିମି ବର୍ଗରେ ୧୦ ହଜାର ଟଙ୍କା, ୮ ହଜାର ଟଙ୍କା ଓ ୭ ହଜାର ଟଙ୍କା ପୁରସ୍କାର ରାଶି ହିସାବରେ ପ୍ରଦାନ କରାଯିବ। ସେହିପରି ସ୍ଥାନୀୟ ବର୍ଗରେ ୧୦ କିମି ଦୌଡ଼ ପାଇଁ ପୁରୁଷ, ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୨୧ ହଜାର ଟଙ୍କା, ୧୧ହଜାର ଟଙ୍କା ଓ ୭୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ୭ କିମି ବର୍ଗରେ ୧୦ ହଜାର ଟଙ୍କା, ୭୫୦୦ ଟଙ୍କା ଓ ୫ ହଜାର ଟଙ୍କା ଏବଂ ୫ କିମି ବର୍ଗରେ ୬ହଜାର ଟଙ୍କା, ୫ ହଜାର ଟଙ୍କା ଓ ୨୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ନୂଆମୁଣ୍ଡି ରନ-ଏ-ଥନ ପାଇଁ ଅନଲାଇନ ପଞ୍ଜୀକରଣ ଅକ୍ଟୋବର ୧୮ ତାରିଖରୁ ଆରମ୍ଭ ହେବ ଏବଂ ନଭେମ୍ବର ୭ ରେ ବନ୍ଦ ହେବ। ଅନଲାଇନ୍ ପଞ୍ଜୀକରଣ ପାଇଁ ପ୍ରତିଯୋଗୀମାନେ www.tatasteelruns.comରେ ଲଗ୍ ଇନ୍ କରିପାରିବେ। ଅକ୍ଟୋବର ୨୧ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଯୋଡ଼ାସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆରେ ଶନିବାର ଓ ରବିବାର ବ୍ୟତୀତ ସକାଳ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଅଫଲାଇନ୍ ପଞ୍ଜିକରଣ କରାଯାଇପାରିବେ। ଟାଟା ଷ୍ଟିଲ୍‌ରେ କ୍ରୀଡ଼ା ଏକ ଜୀବନଶୈଳୀ ହୋଇଥିବା ବେଳେ ଏହାର କାର୍ଯ୍ୟକଳାପ ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସମସ୍ତଙ୍କ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଏହା କାର୍ଯ୍ୟ କରୁଛି। ଟାଟା ଷ୍ଟିଲ ଭାରତୀୟ କ୍ରୀଡ଼ାର ଅନ୍ୟତମ ଅଗ୍ରଣୀ କର୍ପୋରେଟ୍ ପ୍ରଯୋଜକ ଯାହା ଫୁଟବଲ୍, ତୀରନ୍ଦାଜି, ଦୌଡ଼କୁଦ, ହକି ଏବଂ ସ୍ପୋର୍ଟସ କ୍ଲାଇମ୍ବିଂ ପାଇଁ ଏକାଡେମୀ ପ୍ରତିଷ୍ଠା କରିଛି।

ଜାମସେଦପୁର ରନ-ଏ-ଥନ, ଟାଟା ଷ୍ଟିଲ୍ କୋଲକାତା ୨୫କେ ରନ, ଭୁବନେଶ୍ୱର ହାଫ ମାରାଥନ ଭଳି ଅନେକ ଦୌଡ଼ ଜରିଆରେ ଟାଟା ଷ୍ଟିଲ୍ ଫିଟନେସ୍ ପାଇଁ ବର୍ଷ ବର୍ଷ ଧରି ପ୍ରୟାସ ଜାରି ରଖିଛି।


# ସିଲିଦା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାୱାର ହିଟଲର ଚାମ୍ପିଅନ

**ପାଟଣା**

ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇ-ପଶି ପଞ୍ଚାୟତ ସିଲିଦା ଆଦର୍ଶ ଗ୍ରାମରେ ସ୍ଥାନୀୟ ଖେଳ ପଡ଼ିଆରେ ପାୱାର ହିଟଲର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ୮ଟି ଦଳ ଭାଗ ନେଇ ଥିଲେ। ଫାଇନାଲ ମ୍ୟାଚ ପାୱାର ହିଟଲର ସିଲିଦା ଓ ଲକ୍ଷ୍ମୀପଶି ମଧ୍ୟରେ ଖେଳାଯାଇଥିଲା। ଏଥିରେ ପାୱାର ହିଟଲର ଦଳ ଚାମ୍ପିଅନ ହୋଇଛି। ପାୱାର ହିଟଲର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୪୧ ରନ୍ ସଂଗ୍ରହ କରିଥିଲା। ପରେ ଲକ୍ଷ୍ମୀପଶି ଦଳ ୮୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଅମ୍ପାୟାର ଭାବେ ଚିକୁ ବାରିକ ଓ ସୁର ବାରିକ ଖେଳ ପରିଚାଳନା କରିଥିଲେ। ଆକାଶ ପରିଡ଼ା, ବିକୁନ ସେଠୀ, ଓଡ଼ିଆରେ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡମ୍ବରୁ ଗାରଡ଼ିଆ ଓ ରତନ ଗାରଡ଼ିଆ ଯୋଗ ଦେଇ ଥିଲେ। ସମ୍ମାନିତ ଅତିଥି ଦଳକୁ ପୁରସ୍କୃତ କରିଥିଲେ।

# ରୂପଯାତ୍ରାର ଭସାଣ ଶୋଭାଯାତ୍ରାରେ ସାମିଲ ହେଲେ ୪୩ ମେଢ଼







**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ଚୌଦ୍ୱାରର ଐତିହାସିକ ରୂପଯାତ୍ରାରେ ମୋଟ ୪୩ଟି ମେଢ଼ ସାମିଲ ହୋଇଥିଲେ। କୁମାର ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇଥିବା ଏହି ପ୍ରସିଦ୍ଧ ଯାତ୍ରା ପାଇଁ ସାରା ଚୌଦ୍ୱାରକୁ ରଙ୍ଗୀନ ଆଲୋକ ମାଳା ଓ ଡିଜିଟାଲ ଲାଇଟ୍ ଗେଟ୍‌ରେ ସଜ୍ଜିତ କରାଯାଇଥିଲା। ସହରର ସାହି ବସ୍ତିର ମଣ୍ଡପମାନଙ୍କରେ ପୂଜା ପାଉଥିବା ଦୁର୍ଗା, ଲକ୍ଷ୍ମୀ, ହର ପାର୍ବତୀ, ଲକ୍ଷ୍ମୀ ନାରାୟଣ, ମହାଦେବ, ହନୁମାନ ଆଦି ୪୩ଟି ମେଢ ଶନିବାର ଅପରାହ୍ନରେ ନିଜନିଜର ଆସ୍ଥାନ ଛାଡ଼ି ପାରମ୍ପରିକ ବାଦ୍ୟ, ଘଣ୍ଟଘଣ୍ଟା, ନୃତ୍ୟରେ ଶୋଭାଯାତ୍ରା କରି ସାହି ପରିକ୍ରମା କରିବା ସହିତ ମଧ୍ୟରାତ୍ର ସୁଦ୍ଧା ରୂପଯାତ୍ରା ପଡ଼ିଆରେ ପହଞ୍ଚି ମେଳଣ ହୋଇଥିଲା। ହେଲେ ସନ୍ଧ୍ୟାରେ ବିଜୁଳି ଘଡ଼ଘଡ଼ି ସହିତ ଝିପିଝିପି ବର୍ଷା ମେଢ଼ ଶୋଭାଯାତ୍ରା ପାଇଁ ବାଧକ ସାଜିଥିବା ଦେଖିବାକୁ ମିଳିଛି। ବର୍ଷା ସତ୍ତ୍ୱେ ତିନିକୋଣିଆ ସ୍ଥିତ ଯାତ୍ରା ପଡ଼ିଆରେ ଯାତ୍ରୀ ମାନଙ୍କର ଭିଡ଼ ଜମିଥିଲା। କମିଶନରେଟ ପୋଲିସ ପକ୍ଷରୁ ୧୫ ପ୍ଲାଟୁନ ଫୋର୍ସ, ୫୫ଜଣ ଅଧିକାରୀ, ଏସିପି, ଏଡିସିପି ପ୍ରମୁଖ ଉପସ୍ଥିତ ରହି କଡ଼ା ନଜର ରଖିଥିଲେ। ପୋଲିସ ତରଫରୁ ପଡ଼ିଆରେ ସିସିଟିଭିର ବ୍ୟବସ୍ଥା କରାଯାଇଥିଲା। ମେଳଣ ପଡ଼ିଆରେ ଘରକରଣା ସାମଗ୍ରୀ, ଖାଦ୍ୟପେୟ ଆଦି ସହିତ ମନୋରଞ୍ଜନ ପାଇଁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଦୋକାନ ଖୋଲିଥିବାବେଳେ ଚଳିତ ବର୍ଷ ବହୁମାତ୍ରାରେ ବିଭିନ୍ନ ପ୍ରକାରର ଦୋଳି ଯାତ୍ରୀ ମାନଙ୍କୁ ଆକୃଷ୍ଟ କରିଥିଲା। ପୌରପାଳିକା, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ ତରଫରୁ ମେଳାରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଚୌଦ୍ୱାର କଲେଜ ଯୁବ ରେଡ୍‌କ୍ରସ୍ ପକ୍ଷରୁ ମେଳାରେ ଏକ ସେବା କେନ୍ଦ୍ର ଖୋଲଯାଇ ଜନସାଧାରଣଙ୍କୁ ମାଗଣା ଔଷଧ ବିତରଣ ସହିତ ପରିବେଶ ସୁରକ୍ଷା ଦିଗରେ ଯତ୍ନଶୀଳ ହେବାକୁ ଆହ୍ୱାନ ଦିଆଯାଇଥିଲା। ସିଟି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ବସନ୍ତ କୁମାର ବିଶ୍ୱାଳ ପ୍ରମୁଖ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପରମ୍ପରା ଅନୁସାରେ ରବିବାର ସକାଳେ ଯାତ୍ରା କମିଟି ନିକଟରୁ ଛନ୍ଦା ଗ୍ରହଣ କରି ମେଢ଼ଗୁଡ଼ିକ କ୍ରମାନ୍ୱୟରେ ଆସି ବିରୁପା ଅଭିମୁଖେ ଯାଇଥିଲା।

# ସି.କେ. ନାୟୁଡୁ ଟ୍ରଫି : ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ବିକାଶ ଗ୍ରାଉଣ୍ଡରେ ମ୍ୟାଚ୍ ଉଦ୍‌ଘାଟିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ ଓ ବରଗଡ଼ ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କ୍ରୀଷ୍ଟା ବିକାଶ ଗ୍ରାଉଣ୍ଡରେ ରବିବାର ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ସି.କେ. ନାୟଡୁ ଏଲିଟ ଗ୍ରୁପ୍ (କ)ର ଏକ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ରବିବାର ମହାରାଷ୍ଟ୍ର ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ଖେଳ ଶେଷ ସୁଦ୍ଧା ୨୬୮/୫ ରନ କରିନେଇଛି। ଦଳ ପକ୍ଷରୁ ସିଦ୍ଧାନ୍ତ ଦୋଶୀ ଓ ଅନିକେତ ଏସ ନାଲ୍ଲାଡେ ଖେଳ ଆରମ୍ଭ କରିଥିଲେ। ହେଲେ ଉଭୟେ ସହଜ ଆଉଟ୍ ହୋଇଯାଇଥିଲେ। ପରେ ଗତ ମ୍ୟାଚ୍‌ରେ ଦ୍ୱିଶତକ ଅର୍ଜନ କରିଥିବା ବ୍ୟାଟ୍ସମ୍ୟାନ୍ ହର୍ଷଲ କାଟେ ନିଜର ଖେଳ ଆରମ୍ଭ କରି ଶତକ ପୂରା କରିଥିଲେ। ସେ ୧୦୧ ରନ କରି ଅପରାଜିତ ଥିବା ସମୟରେ ଭୀଷଣ ଗୁଳଗୁଳି ଯୋଗୁଁ ରିଟାୟାର୍ଡ ହର୍ଟ ହୋଇ ପଡ଼ିଆ ବାହାରକୁ ଚାଲି ଆସିଥିଲେ। ତାଙ୍କ ପରେ ମଧ୍ୟ ଅନ୍ୟ ଖେଳାଳିମାନେ ସୁନ୍ଦର ଖେଳ ଜାରି ରଖି ଦଳର ସ୍କୋରକୁ ଆଗକୁ ବଢାଇଥିଲେ। ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାନ୍ତ ଦୋଷୀ ୩୬, କୌଶଲ ତାମ୍ବେ ୪୧ ରନ କରିଥିଲେ। ଖେଳ ଶେଷ ବେଳକୁ ଅଭିଷେକ ପାୱାର ୪ ରନ କରି ଓ ବିକି ଓସ୍ତୱାଲ ୧ ରନ କରି ଅପରାଜିତ ରହିଛନ୍ତି ଓ ମହାରାଷ୍ଟ୍ର ଦଳି ୨୬୮/୫ ସ୍କୋର କରିଛି। ଓଡ଼ିଶା ପକ୍ଷରୁ ଆଶୁତୋଷ ମାରାଣ୍ଡି ୪୮/୨ ୱିକେଟ ନେଇଥିବା ବେଳେ ଆୟୁଷ ବାରିକ ୪୩/୧ ୱିକେଟ ନେଇଛନ୍ତି। ଏହି ଖେଳକୁ ବିସିସିଆଇ ଆମ୍ପାୟର ଦ୍ୱୟ ନୀତିନ ପଣ୍ଡିତ (ବିଦର୍ଭ କ୍ରିକେଟ ଆସୋସିଏସନ୍) ଓ କେ. ପ୍ରଭାକର ରାଓ (କେରଳ କ୍ରିକେଟ ଆସୋସିଏସନ୍) ପରିଚାଳନା କରିଥିଲା ବେଳେ ମ୍ୟାଚ୍ ରେଫରୀ ଅଛନ୍ତି ହେମନ୍ତ କୁମାର (ତାମିଲନାଡୁ କ୍ରିକେଟ ଆସୋସିଏସନ୍)। ସେହିପରି ବି.ସି.ସି.ଆଇ. ପକ୍ଷରୁ ଅନ୍‌ଲାଇନ୍ ସ୍କୋରର୍ ଅଛନ୍ତି ବିରବର ନାୟକ, ମାନୁଏଲ୍ ସ୍କୋରର୍ ସନ୍ଦିପ ଜି, ଭିଡିଓ ଏନାଲିଷ୍ଟ ତାପସ କୁମାର ନାୟକ, ଆସିଷ୍ଟାଣ୍ଡ ଭିଡିଓ ଏନାଲିଷ୍ଟ୍ ସୁଭାଶିଷ ଜେନା ରହିଛନ୍ତି।

ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଓ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କ୍ରିଷ୍ଟା ବିକାଶ ଗ୍ରୁପ୍‌ର ଚେୟାରମେନ ଡି. ମୁରଲୀ କ୍ରୀଷ୍ଟା ଅତିଥି ଭାବରେ ଯୋଗ ଦେଇ ମ୍ୟାଚ୍‌କୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ।

ଭୁବନେଶ୍ୱର
୨୧ ଅକ୍ଟୋବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ମହାକାର୍ତ୍ତିକ ବ୍ରତ : ପୁରାଣ ପାଠରେ କମ୍ପୁଛି ପୁରା ପରିବେଶ



ପୁରୀ ୨୦।୧୦ ନ୍ୟୁଜ ବ୍ୟୁରୋ

ମହାକାର୍ତ୍ତିକ ବ୍ରତର ରବିବାର ହେଉଛି ତୃତୀୟ ଦିନ। ଏହା ଏକ ମାସ ଧରି ଚାଲିବ । ବ୍ରତଧାରୀମାନେ ବଢି ଭୋରରୁ ଉଠି ମହୋଦଧି ସମେତ ପଞ୍ଚତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ସହ ଗୁଆ, ନଡ଼ିଆ ଟେକି ମା' ବୃନ୍ଦାବତୀଙ୍କ ନିକଟରେ ବ୍ରାହ୍ମଣଙ୍କ ଦ୍ୱାରା କାର୍ତ୍ତିକ ବ୍ରତ ପାଇଁ ସଂକଳ୍ପ କରି ପୂଜା ଆରମ୍ଭ କରିଛନ୍ତି । ତୁଳସୀ ଚଉରା ମୂଳରେ ରାଇ ଦାମୋଦର ପୂଜା ସହ ହବିଷ ଖାଇ କାର୍ତ୍ତିକ ବ୍ରତ ଓ ପୁରାଣ ପାଠ କରୁଛନ୍ତି ହବିଷ୍ୟାଳି । ବ୍ରତଧାରୀମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଦର୍ଶନ କରି କୃତାର୍ଥ ହେଉଛନ୍ତି।

ଅନ୍ୟପଟେ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ହବିଷ୍ୟାଳିମାନେ ୩ଟି ଜାଗାରେ ରହି ଏକମାସ ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ପ୍ରଶାସନ ଦ୍ୱାରା ସେମାନଙ୍କ ପାଇଁ ସକାଳ ଚା'ଠାରୁ ଆରମ୍ଭ କରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ସହ ସଂଧ୍ୟାବେଳେ ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । କାର୍ତ୍ତିକ ମାହାତ୍ମ୍ୟ ଶ୍ରବଣ ସହ ଭଜନ କୀର୍ତ୍ତନ ପରିବେଷଣର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯାହାକୁ ନେଇ ହବିଷ୍ୟାଳିମାନେ ବେଶ୍ ଖୁସି ଅଛନ୍ତି ।

## ରାଜ୍ୟ ସରକାର କଲେ ଅନୁମୋଦନ

# ନିଯୁକ୍ତି ପାଇବେ ଏକ୍ସ ସର୍ଭିସ୍ ମ୍ୟାନ






ଭୁବନେଶ୍ୱର,୨୦।୧୦
ନ୍ୟୁଜ ବ୍ୟୁରୋ

ନିଯୁକ୍ତି ପାଇବେ ଏକ୍ସ ସର୍ଭିସ୍ ମ୍ୟାନ। ରାଜ୍ୟ ପୋଲିସ ଦେଇଥିବା ପ୍ରସ୍ତାବରେ ରାଜି ହେଲେ ସରକାର। ନିଯୁକ୍ତି ପାଇଁ ରାଜ୍ୟ ସରକାର ଦେଲେ ଅନୁମୋଦନ। ୩୦୦୯ ଟି ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ପୋଷ୍ଟରେ ନିଯୁକ୍ତି ପାଇବେ ଏକ୍ସ ସର୍ଭିସ୍ ମ୍ୟାନ। ସିପାହିରୁ କମାଣ୍ଡାଣ୍ଟ ର୍ୟାଙ୍କରେ ମିଳିବ ନିଯୁକ୍ତି । ଏକ୍ସ ସର୍ଭିସ୍ ମ୍ୟାନଙ୍କୁ ଆଣ୍ଟି ନକ୍ସଲ୍ ଅପରେସନରେ ନିୟୋଜିତ କରାଯିବ । ଜେଲ୍, ଥାନା, ଫାଣ୍ଡି ଓ ବିଭିନ୍ନ ସମ୍ବେଦନଶୀଳ ଜାଗାରେ ହେବେ ମୁତୟନ। ଚୁକ୍ତି ଭିତ୍ତିକ ନିୟୋଜିତ ହେବେ ଫୋର୍ସ। ୩୦ରୁ ୪୦ହଜାର ଟଙ୍କା ପର୍ଯ୍ୟନ୍ତ ପାଇବେ ସିପାହୀ। ୮୦ହଜାର ୫୫୦ଟଙ୍କା ପାଇବେ କମାଣ୍ଡାଣ୍ଟ। ଏକ ମାସର ଟ୍ରେନିଂ ପରେ ଏକ ବର୍ଷିଆ ଚୁକ୍ତିରେ ରହିବେ ଏକ୍ସ ସର୍ଭିସ୍ ମ୍ୟାନ। ଭଲ କାମ କଲେ ୩୧ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ରହି ପାରିବେ ଏକ୍ସ ସର୍ଭିସ୍ ମ୍ୟାନ। ବିଏସଏଫ, ସିଆରପିଏଫ, ସିଏପିଏଫରୁ ଅବସର ନେଇଥିବା ଅଫିସରମାନେ ଆସିବେ ଏକ୍ସ ସର୍ଭିସ୍ ମ୍ୟାନ୍। ଆସନ୍ତା ୧୫ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ ବୋଲି ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

# ଏବେ ଦିବ୍ୟାଙ୍ଗ କାର୍ଡଧାରୀଙ୍କ ଘରେ ପହଞ୍ଚିବ ରାସନ୍ : ମନ୍ତ୍ରୀ




ଭୁବନେଶ୍ୱର, ୨୦/୧୦ ନ୍ୟୁଜ ବ୍ୟୁରୋ

ଏବେ ଦିବ୍ୟାଙ୍ଗ ରାସନ୍ କାର୍ଡଧାରୀଙ୍କ ଘରେ ପହଞ୍ଚିବ ରାସନ୍ । ଆଉ ସେମାନଙ୍କୁ ଡିଲର ପଏଣ୍ଟକୁ ଆସିବା ଆବଶ୍ୟକ ପଡ଼ିବ ନାହିଁ । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ରାସନ ପାଇଁ ହିତାଧିକାରୀ କିପରି ରାତି ଅଧରୁ ଲମ୍ବା ଲାଇନ ଦେଉଥିବା ନେଇ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏବେ ଦିବ୍ୟାଙ୍ଗ ରାସନକାର୍ଡ ଧାରୀଙ୍କ ଘରେ ରାସନ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯୋଗାଣ ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ, ଆଗକୁ ଚାଉଳ ଗହମ ରାସନ୍ କାର୍ଡଧାରୀଙ୍କୁ ଏକାଠି ମିଳିବ । ଥରେ ଟିପ ଚିହ୍ନ ଦେଇ ଲୋକେ ଚାଉଳ ଗହମ ଏକାସଙ୍ଗେ ନେଇପାରିବେ। ଏହାସହ କଣ୍ଟ୍ରୋଲ ଡିଲର୍ ମାନଙ୍କ କୋଭିଡ ବେଳର ବକେୟା ଆସନ୍ତା ସପ୍ତାହେ ଭିତରେ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# କିସ୍‌ର ରେକର୍ଡ : ଓସିଏସ୍ ପାଇଲେ ୧୫ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୦।୧୦ ନ୍ୟୁଜ ବ୍ୟୁରୋ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା (ଓସିଏସ୍)ରେ କିସ୍‌ର ୧୫ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । କୌଣସି ଗୋଟିଏ ଜନଜାତି ଶିକ୍ଷାନୁଷ୍ଠାନର ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଓସିଏସ୍ ପାଇବା ଓଡ଼ିଶାରେ ରେକର୍ଡ ବୋଲି କୁହାଯାଉଛି । କିସ୍‌ର ଛାତ୍ର କଳାହାଣ୍ଡି ଜିଲ୍ଲାର ନନ୍ଦ କିଶୋର ପାତ୍ର ଓ ନୀଳମାଧବ ପାତ୍ର, ମୟୂରଭଞ୍ଜ ଜିଲ୍ଲାର ସଞ୍ଜୀବ ହାଁସଦା, ରାମେଶ୍ୱର ହେମ୍ବ୍ରମ୍, ଲମ୍ବୋଦର ହେମ୍ବ୍ରମ୍, ଟିକିଲିମଣୀ ସୋରେନ୍, ସମ୍ବଲପୁର ଜିଲ୍ଲାର ରାଜେଶ କିଷାନ,



ସୁମନ୍ କୁଜୁର, ବଲାଙ୍ଗୀର ଜିଲ୍ଲାର ଜଗଜ୍ଜୀବନ ମାଝୀ, କନ୍ଧମାଳର ରୁନିତା ପ୍ରଧାନ, ମାଲକାନଗିରି ଜିଲ୍ଲାର ଶ୍ୟାମ ମାଦି ଓ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ୱନାଥ ରଞ୍ଜନ କିଷାନ ଆଦି ଛାତ୍ରଛାତ୍ରୀ ଏହି ସଫଳତା ହାସଲ କରିଛନ୍ତି । କିସ୍‌ର ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ କିସ୍‌ର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀମାନେ ଏହି ସଫଳତା ପାଇ ଆସୁଥିଲେ ମଧ୍ୟ ଚଳିତବର୍ଷ ୧୫ଜଣ ଛାତ୍ରଛାତ୍ରୀ ଓସିଏସ୍‌ରେ କୃତକାର୍ଯ୍ୟ ହୋଇଛନ୍ତି । ସୂଚନାଯୋଗ୍ୟ, ପ୍ରତିବର୍ଷ କିସ୍‌ର ଅନେକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଆସୁଛନ୍ତି । ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଲେ, କିସ୍‌ରେ ଛାତ୍ରଛାତ୍ରୀମାନଙ୍କର ସର୍ବୋକୃଷ୍ଟ ଯତ୍ନ ନିଆଯାଇଥାଏ । ଏହା ସହିତ କିସ୍‌ରେ ଶିକ୍ଷା ସହ କ୍ରୀଡ଼ା ଓ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦିଆଯାଇଥାଏ । ଜାତୀୟ ଓ ଆଞ୍ଚଳିକସ୍ତରର ପ୍ରବେଶିକା ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପିଲାଙ୍କୁ ଏଠାରେ ସ୍ୱତନ୍ତ୍ର ଭାବେ କୋଚିଂ ଦିଆଯିବାର ବ୍ୟବସ୍ଥା ରହିଛି । ଏହି ଅବସରରେ ଡ. ସାମନ୍ତ କିସ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ମଧ୍ୟ ସେମାନଙ୍କ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

# ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଦିଲ୍ଲୀ ଡାକରା

## ରାଜ୍ୟ ବିଜେପି ସାଂଗଠନିକ ନିର୍ବାଚନ ଅଧିକାରୀ ଦାୟିତ୍ୱ

ନୀଳଗିରି ୨୦।୧୦ ନ୍ୟୁଜ ବ୍ୟୁରୋ

ରାଜ୍ୟ ବିଜେପି ସାଂଗଠନିକ ନିର୍ବାଚନ ଅଧିକାରୀ ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଦାୟିତ୍ୱ ଦିଆଯିବା ପରେ ତାଙ୍କୁ ଦିଲ୍ଲୀରୁ ଡାକରା ଆସିଛି । ତାଙ୍କ ସହ ଆଉ ତିନି ଜଣ ସହକାରୀ ସାଂଗଠନିକ ନିର୍ବାଚନ ଅଧିକାରୀ ହୋଇଛନ୍ତି। ତେବେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ପ୍ରତାପ ଷଡ଼ଙ୍ଗୀ । ସେ କହିଛନ୍ତି, ବିଜେପି ଦଳରେ ନିର୍ବାଚନ ଏକ ସ୍ୱାଭାବିକ ପ୍ରକ୍ରିୟା । ଅନ୍ୟ ଦଳ ଭଳି ବଂଶବାଦ ଦଳ ବିଜେପି ନୁହଁ । ଏହା ଏକ ଲୋକତାନ୍ତ୍ରିକ ପାର୍ଟି । ବିଜେପି ଡିଏନଏରେ ନିର୍ବାଚନ ରହିଛି ବୋଲି ସେ ଏହି ଦାୟିତ୍ୱ ପାଇଥିବା ଶ୍ରୀ ଷଡଙ୍ଗୀ କହିଛନ୍ତି ।




# ଦୁବାଇରେ ଚମକିଲେ ଓଡ଼ିଆ ମହିଳା ଆରାଧନା

ଦୁବାଇ, ୨୦/୧୦

ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ ପ୍ରତିଯୋଗିତାରେ ଓଡ଼ିଆ ଝିଅଙ୍କ କମାଲ । ଗତ ୮ ତାରିଖରେ ଦୁବାଇରେ ଅନୁଷ୍ଠିତ ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟର ଦ୍ୱିତୀୟ ସିଜିନ୍ ଫାଇନାଲରେ ଓଡ଼ିଆ ଝିଅ ଆରାଧନା ଦାସ ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ ଦ୍ୱିତୀୟ ରନର୍ସ ଅପ୍ ମୁକୁଟ ପିନ୍ଧିଛନ୍ତି । ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ ପ୍ରତିଯୋଗିତାରେ ପୋଡିୟମ୍ ଫିନିଶ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ମହିଳା । ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ ପ୍ରତିଯୋଗିତା ୨୦୨୩ ମସିହାରେ ଆରମ୍ଭ ହୋଇଥିଲା ଏବଂ ଚଳିତ ବର୍ଷ ଦ୍ୱିତୀୟ ସିଜିନ୍ ଆୟୋଜିତ ହୋଇଛି । ଭାରତର ବିଭିନ୍ନ ସହରରୁ ଆସି ମଧ୍ୟପ୍ରାଚ୍ୟରେ ରହୁଥିବା ବିବାହିତ ଭାରତୀୟ ମହିଳାମାନେ ସେମାନଙ୍କ ପ୍ରତିଭା, ସୌନ୍ଦର୍ଯ୍ୟ, ବୁଦ୍ଧି, ଆତ୍ମବିଶ୍ୱାସ ଓ ସାଂସ୍କୃତିକ ପରିଚୟ ପ୍ରଦର୍ଶନ କରିବା ପାଇଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀମାନଙ୍କୁ ପାରମ୍ପରିକ ପୋଷାକ,



ଗାଉନ୍, ପ୍ରତିଭା ଓ ସାକ୍ଷାତକାର ସମେତ ବିଭିନ୍ନ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିଥିଲା । ଓଡ଼ିଶାର ଆରାଧନା ଦାସ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ନିଜର ପ୍ରତିଭା ଓ ସୌନ୍ଦର୍ଯ୍ୟ ସହ ଓଡ଼ିଆ ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ଆରାଧନା ଭୁବନେଶ୍ୱରର ବାସିନ୍ଦା ଏବଂ ଗତ ୭ ବର୍ଷ ଧରି ଦୁବାଇରେ ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ବେହେରା ଏବଂ ଝିଅ ସାନଭୀ ବେହେରାଙ୍କ ସହ ବାସ କରୁଛନ୍ତି। ଆରାଧନାଙ୍କୁ ରନର୍ସ ଅପ୍ ମୁକୁଟ ସହ ମିସେସ୍ ଇଣ୍ଟେଲେକ୍‌ଚୁଆଲ ଉପାଧିରେ ମଧ୍ୟ ସମ୍ମାନିତ କରାଯାଇଛି । ଆରାଧନା କହିଛନ୍ତି, ଏଭଳି କାର୍ଯ୍ୟକ୍ରମରେ ଭାଗ ନେବାକୁ ଚାହୁଁଥିଲି । ହେଲେ ଅନ୍ୟ ପ୍ରାଥମିକତା ଯୋଗୁଁ ସମୟ ଦେଇପାରି ନଥିଲେ। ଦୁବାଇରେ ଏହି ପ୍ରତିଯୋଗିତା ହେଉଥିବା ବିଷୟରେ ଜାଣିବା ପରେ ଏଥିରେ ଭାଗ ନେବାକୁ ନିଷ୍ପତ୍ତି ନେଇଥିଲେ । ଭଗବାନଙ୍କ କୃପା ଓ ପରିବାରର ସମର୍ଥନ ଯୋଗୁଁ ଆଜି ମୁଁ ଏହି ସଫଳତା ପାଇଛି ଓ ଓଡ଼ିଶା ପାଇଁ ଏହି ସମ୍ମାନଜନକ ଟାଇଟଲ୍ ଜିତିପାରିଛି । ଓଡ଼ିଆ ହୋଇଥିବାରୁ ମୁଁ ଗର୍ବିତ ଓ ବିଶ୍ୱ ଦରବାରରେ ଓଡ଼ିଆ ସଂସ୍କୃତିର ଉପସ୍ଥାପନ ନିମନ୍ତେ ଅନ୍ୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ଅଛି ।

# କେମିତି କାମ କରୁଛନ୍ତି ରାଜସ୍ୱ ଅଧିକାରୀ : ମାର୍କ ଦେବେ ଜନତା

ଭୁବନେଶ୍ୱର, ୨୦/୧୦
ନ୍ୟୁଜ ବ୍ୟୁରୋ




ରାଜସ୍ୱ ବିଭାଗ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତାର ପ୍ରମାଣପତ୍ର ଦେବେ ସାଧାରଣ ଜନତା । ଝାରସୁଗୁଡ଼ାରେ ଏଭଳି ବଡ଼ ବୟାନ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଝାରସୁଗୁଡ଼ାରେ ଜନଶୁଣାଣୀ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ରାଜସ୍ୱ ବିଭାଗର ସବୁ ତହସିଲ ଅଫିସ, ସବ୍ ରେଜିଷ୍ଟ୍ରର ଅଫିସ ଓ ରାଜସ୍ୱ ସେବା ଦିଆଯାଉଥିବା ସମସ୍ତ ଅଫିସରେ ରେଜିଷ୍ଟର ରହିବ, ଲୋକେ ମାର୍କ ଦେବେ । ଅଫିସକୁ ଆସୁଥିବା ଲୋକେ ଅଧିକାରୀଙ୍କୁ ମୋଟ୍ ୧୦ରୁ କେତେ ମାର୍କ ଦେବେ ନିଷ୍ପତ୍ତି ନେବେ। ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟର ମୂଲ୍ୟାଙ୍କନ ଜନତା କରିବେ । ଉଭୟ ଅଫଲାଇନ୍ ଓ ଅନ୍ ଲାଇନରେ ଲୋକେ ଏହି ମାର୍କ ଦେବେ । ଯେଉଁ ଅଧିକାରୀ ବାରମ୍ବାର ୧୦ରୁ କମ୍ ମାର୍କ ପାଇବେ, ତାଙ୍କ ସଂପର୍କରେ ବିଭାଗ ଚିନ୍ତା କରିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ମହାରାଷ୍ଟ୍ରରୁ ଶିମିଳିପାଳ ଆସିବେ ୨ ମହାବଳ ବାଘ

ଭୁବନେଶ୍ୱର, ୨୦/୧୦
ନ୍ୟୁଜ ବ୍ୟୁରୋ

ଶିମିଳିପାଳକୁ ଆସିବ ଦୁଇଟି ମହାବଳ ବାଘ । ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଶିମିଳିପାଳର ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ଯାଇଥିବା ଜଣାପଡ଼ିଛି । ଆସନ୍ତା ସପ୍ତାହ ମଧ୍ୟରେ ମହାରାଷ୍ଟ୍ରରୁ ଶିମିଳିପାଳକୁ ଦୁଇଟି ମହାବଳ ବାଘ ଆସିବ । ଶିମିଳିପାଳର କ୍ଷେତ୍ର ନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକଙ୍କ ସହ ବନ୍ୟଜନ୍ତୁ ଡାକ୍ତରୀଦଳ ଏବଂ ତାଲିମପ୍ରାପ୍ତ ବନ କର୍ମଚାରୀ ଓ ଶିମିଳିପାଳର ରାପିଡ ରେସପନ୍ସ ଟିମ୍‌କୁ ନେଇ ଗଠିତ ଏକ ଦଳ ମହାରାଷ୍ଟ୍ର ଯାଇଥିବା ସୂଚନା ମିଳିଛି ।

ସୂଚନା ଅନୁସାରେ ମହାରାଷ୍ଟ୍ରର ତାଡୋବା ଜଙ୍ଗଲରୁ ଏହି ଦୁଇ ମହାବଳ ବାଘ ଆସିବେ । ଶିମିଳିପାଳର ସ୍ୱତନ୍ତ୍ର ଟିମ୍ ତାଡ଼ୋବା



ଯାଇ ବାଘ ଚିହ୍ନଟ କରିବା ପରେ ଆଇନ ଅନୁଯାୟୀ ବିଭିନ୍ନ ପ୍ରକ୍ରିୟା କରାଯାଇ ବାଘ ଅଣାଯିବ । ପୂର୍ବରୁ ଶିମିଳିପାଳ ବାଘ ବଂଶ ବୃଦ୍ଧି ପାଇଁ ଦେଶର ଉତ୍ତମ ସ୍ଥାନ ବୋଲି ଏନ୍‌ଟିସିଏ ସ୍ପଷ୍ଟ କରିଥିଲା । ଏହି ପରିପ୍ରେକ୍ଷୀରେ ଶିମିଳିପାଳକୁ ଦୁଇଟି ମହାବଳ ବାଘ ଅଣାଯାଉଥିବା ସ୍ପଷ୍ଟ କରିଛନ୍ତି ପିସିସିଏଫ୍। ଏଥିପାଇଁ ପୂର୍ବ ପ୍ରସ୍ତୁତି ଶେଷ ହୋଇସାରିଥିବା ପିସିସିଏଫ୍ କହିଛନ୍ତି । ତେବେ ବର୍ତ୍ତମାନ ଶିମିଳିପାଳ ଅଭୟାରଣ୍ୟରେ ମଧ୍ୟ ୨୮ଟି ବାଘ ଥିବା ଜଣାପଡ଼ିଛି ।

# ଲାଞ୍ଚ ନେବାବେଳେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ



ଧର୍ମଶାଳା ୨୦/୧୦ ନ୍ୟୁଜ ବ୍ୟୁରୋ

ଧର୍ମଶାଳା ତହସିଲ ଅଧୀନସ୍ଥ ବଳରାମପୁର-୧ ରାଜସ୍ୱ ନିରୀକ୍ଷକ ଜମି ଦାଖଲ ଖାରଜ (ମ୍ୟୁଟେସନ) ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଦୁର୍ନୀତି ନିବାରଣ ହାତରେ ଧରାପଡ଼ିଛନ୍ତି। ବଳରାମପୁର -୧ ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସ୍ୱାଇଁ କବାଟବନ୍ଧ ପଞ୍ଚାୟତ ଦଳଗାଁ ଅଞ୍ଚଳର ଶିକ୍ଷକ ବସନ୍ତ କୁମାର ସ୍ୱାଇଁଙ୍କଠାରୁ ସିକିମ ଜମି ଦାଖଲ ଖାରଜ ପାଇଁ ୩୩ହଜାର ଟଙ୍କା ନେଇଥିଲେ। ମାତ୍ର ଶ୍ରୀ ସ୍ୱାଇଁ ଆଉ ଅଧିକ ୧୫ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଚଉଷଠିପଡ଼ା ଠାରେ ଶିକ୍ଷକ ଶ୍ରୀ ସ୍ୱାଇଁ ୧୦ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ଟିମ୍ ରାଜସ୍ୱ ନିରୀକ୍ଷକଙ୍କୁ ଧରିବା ସହ ତାଙ୍କ ଠାରୁ ଟଙ୍କା ଜବତ କରିଥିଲେ। ପରେ ରାଜସ୍ୱ ନିରୀକ୍ଷକ ଶ୍ରୀ ସ୍ୱାଇଁଙ୍କ କାର୍ଯ୍ୟାଳୟ ସମେତ ସୁକିନ୍ଦା ବ୍ଲକ୍ ଜଗନ୍ନାଥ ସାହି ସ୍ଥିତ ବାସଭବନରେ ଚଢଉ କରାଯାଇଥିବା ଯାଜପୁର ଭିଜିଲାନ୍ସ ଡିଏସପି ହୃଷି ଲେଙ୍କା ସୂଚନା ଦେଇଛନ୍ତି।

# ସହିପାରିଲେନି ବ୍ଲାକମେଲିଂ : ଆତ୍ମହତ୍ୟା କଲେ ଯୁବତୀ

ଭୁବନେଶ୍ୱର ୨୦।୧୦
ନ୍ୟୁଜ ବ୍ୟୁରୋ

ନାମୀ ସଂସ୍ଥାରେ ଚାକିରି କରାଇବା ବାହାନାରେ ଟଙ୍କା ମାଗୁଥିଲା । ଏମିତିକି ଫଟୋ ଭିଡିଓ ଭାଇରାଲ କରିଦେବାର ଧମକ ବି ଦେଉଥିଲା । ପୁରୁଷ ବନ୍ଧୁଙ୍କ ଏଭଳି ବ୍ଲାକମେଲିଂ ସହିପାରିଲେନି । ଶେଷରେ ଜୀବନ ହାରିଲେ । ଭୁବନେଶ୍ୱର ୟୁନିଟ୍-୮ ଦେବରାୟ କଲେଜ ନିକଟରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ୨୨ ବର୍ଷୀୟା ରଶ୍ମିତା ଦାସ । ସୂଚନା ଅନୁଯାୟୀ, ଯୁବତୀ ଜଣଙ୍କ ଦେବରାୟ କଲେଜ ନିକଟରେ ଏକ ଭଡ଼ା ଘରେ ରହୁଥିଲେ । ସେ ବେକରେ ଓଢ଼ଣୀ ଲଗାଇ ଝୁଲି ପଡିଥିଲେ । ନୂଆପଲ୍ଲୀ ଥାନା ପୁଲିସ ତାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ପୁଲିସ ୬୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରଶ୍ମିତାଙ୍କ ଘର ଜଗତସିଂହପୁର କର୍ଣ୍ଣୋଲ ଗାଁରେ । ସେ ୬ ମାସ ତଳେ ଚାକିରି ସନ୍ଧାନରେ ରାଜଧାନୀକୁ ଆସିଥିଲେ। ଦେବରାୟ କଲେଜ ନିକଟରେ ଏକ ଘରେ ଭଡ଼ାସୂତ୍ରରେ ରହୁଥିଲେ । କିଛି ଦିନ ତଳେ ସେ ଏକ ଘରୋଇ



ସଂସ୍ଥାରେ ଚାକିରି ପାଇଥିଲେ । ଉକ୍ତ ସଂସ୍ଥାରେ ସପ୍ତାହେ ଧରି ତାଙ୍କର ତାଲିମ୍ ଚାଲିଥିଲା । ଚାକିରି ଖବର ଶୁଣି ତାଙ୍କ ପରିବାର ଲୋକ ଖୁସି ଥିଲେ । ସେ ରୁମ୍‌କୁ ଭିତରପଟୁ କିଳି ଦେଇଥିଲେ । ରଶ୍ମିତାଙ୍କ ରୁମ୍ ପାଖରେ ରହୁଥିବା ଅନ୍ୟଜଣେ ଯୁବତୀ ରାତି ୧୧ଟା ବେଳେ ତାଙ୍କୁ ବାରମ୍ବାର ଡାକିଥିଲା । କିନ୍ତୁ ରଶ୍ମିତା କବାଟ ଖୋଲି ନଥିଲେ । ରାତି ୨ଟା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗିଥିଲା । ରଶ୍ମିତାଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲା । ତାଙ୍କ ପରିବାର ଲୋକ ଆସିବା ପରେ ମୃତଦେହକୁ ଖୋଲାଯାଇ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା । ରଶ୍ମିତାଙ୍କ ପରିବାର ଲୋକଙ୍କ କହିବା ମୁତାବକ, ଅଜିତ ଦାସ ନାମକ ଜଣେ ଯୁବକଙ୍କ ସହ ତାଙ୍କର ୪ ବର୍ଷ ଧରି ପ୍ରେମ ଚାଲିଥିଲା । ଅଜିତ ବେଙ୍ଗାଲୁରୁରେ ଚାକିରି କରୁଛନ୍ତି । ଅଧିକାଂଶ ସମୟରେ ସେ ନାନା ବାହାନାରେ ରଶ୍ମିତାଙ୍କୁ ହଜାର ହଜାର ଟଙ୍କା ମାଗୁଥିଲା । ରଶ୍ମିତାଙ୍କ ନୂଆ ଚାକିରିରେ ଖୁସି ନଥିଲା । ବରଂ ବେଙ୍ଗାଲୁରୁରେ ଭଲ ଜାଗାରେ ଚାକିରି କରାଇବା ଲୋଭ ଦେଖାଇଥିଲା । ଏଥିପାଇଁ ୫ ଲକ୍ଷ ଟଙ୍କା ଡିମାଣ୍ଡ କରିଥିଲା । ରଶ୍ମିତାଙ୍କ ପରିବାର ଲୋକ ପୋଷ୍ଟାଲରେ ସଞ୍ଚିଥିବା ୭୦ ହଜାର ଟଙ୍କା ଅଜିତକୁ ଦେଇଥିଲେ। ତଥାପି ବାରମ୍ବାର ବାକି ଟଙ୍କା ମାଗୁଥିଲା। ନହେଲେ, ଫଟୋ ଭିଡିଓ ଭାଇରାଲ କରିବାର ଧମକ ଦେଉଥିଲା । ରଶ୍ମିତା ଏଥିପାଇଁ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ସେପଟେ ପୁଲିସ କହିଛି, ଅଭିଯୋଗ ମୁତାବକ ତଦନ୍ତ ଚାଲିଛି । ମୃତକଙ୍କ ମୋବାଇଲ୍ ଫୋନ୍ ଓ ସୋସିଆଲମିଡିଆ ଆକାଉଣ୍ଟ ଯାଞ୍ଚ କରାଯାଉଛି । ଯଦି କିଛି ପ୍ରମାଣ ମିଳେ, ଆତ୍ମହତ୍ୟା ପାଇଁ ଉସ୍‌କେଇବା ଦଫା ଲାଗିବ । ପୁରୁଷବନ୍ଧୁଙ୍କୁ ଜେରା ପାଇଁ ଡକାଯିବ ।

# ଶୀତର ପହିଲି ସ୍ପର୍ଶରେ ଚିଲିକାରେ ବିଦେଶୀ ଅତିଥି : କଳରବରେ ଗୁଞ୍ଜରିତ ପରିବେଶ

ଟାଙ୍ଗୀ/ ନୂଆପଡା
୨୦/୧୦ ନ୍ୟୁଜ ବ୍ୟୁରୋ

ମରାଳ ମାଳିନୀ ନୀଳାମ୍ବୁ ଚିଲିକା । ଅପରୂପ ସୌନ୍ଦର୍ଯ୍ୟ ଯେମିତି, ଶାନ୍ତ ସରଳ ପରିବେଶ ସେମିତି । ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀ ଏହାର ସୌନ୍ଦର୍ଯ୍ୟରେ ସମସ୍ତେ ଆକର୍ଷିତ ଓ ବିମୋହିତ । କାହିଁ କେତେ ଦୂରରୁ ଉଡି ଆସିଛନ୍ତି ଭଳିକି ଭଳି ରଙ୍ଗ ବେରଙ୍ଗର ପକ୍ଷୀ । ଶୀତ ପଡିନି ଏମାନେ କିନ୍ତୁ ଆସିଗଲେଣି । ଚିଲିକାର ନୀଳ ଆକାଶରେ ଘୁରି ବୁଲିଲେଣି। ସେମାନଙ୍କ କିଚିରିମିଚିରି ଶବ୍ଦ ଓ କୋଳାହଳରେ କମ୍ପୁଛି ଚିଲିକା ପରିସର । ଆଉ ବିଦେଶରୁ ଆସିଥିବା ଅତିଥିଙ୍କୁ ସ୍ୱାଗତ କରିଛି ଚିଲିକା ରାଣୀ । କୁହୁଡିଆ ସକାଳ ସାଙ୍ଗକୁ ରଙ୍ଗବେରଙ୍ଗ ପକ୍ଷୀଙ୍କ ଉପସ୍ଥିତି ଚିଲିକାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି । ସତେ ଯେମିତି ବିଦେଶୀ ପକ୍ଷୀଙ୍କୁ ପାଇ ବେଶ ଉତ୍‌ଫୁଲ୍ଲିତ ଚିଲିକା ରାଣୀ। ବିଦେଶୀ ପକ୍ଷୀଙ୍କ ଆଗମନକୁ ଦେଖି ବେଶ୍ ସଜାଗ ବନବିଭାଗ । ପକ୍ଷୀଙ୍କ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ଥିବା ୫ଟି ରେଞ୍ଜ ଅଫିସ ଟାଙ୍ଗୀ, ରମ୍ଭା, ନୂଆପଡା, ଚିଲିକା ଓ ସାତପଡା ଅଞ୍ଚଳରେ ପକ୍ଷୀ ଶିକାର ନକରିବାକୁ ଲୋକଙ୍କୁ ସଚେତନ କରାଯାଉଛି । ମତ୍ସ୍ୟଜୀବୀଙ୍କୁ ପକ୍ଷୀଙ୍କ ସୁରକ୍ଷା ବଳୟକୁ ପ୍ରବେଶ ପାଇଁ ବାରଣ କରାଯାଇଛି। ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ୨୦ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି । ଦିନ ରାତି





ପଇଁତରା ମାରୁଛନ୍ତି କର୍ମଚାରୀ । ପକ୍ଷୀଙ୍କ ଶିକାର ଉପରେ ରୋକ୍ ଲଗାଇବାକୁ ଡ୍ରୋନ ବ୍ୟବସ୍ଥା କରାଯାଇଛି । ସୁଦୂର ସାଇବେରିଆରୁ ଲଦାଖ, ମାଇଲ ମାଇଲ ବାଟ ଅତିକ୍ରମ କରି ଛୁଟିଆସିଛନ୍ତି ଏମାନେ । ନୀଳାମ୍ବୁ ଚିଲିକାର ଶୋଭା ବଢାଉଥିବା ଏ ସୌନ୍ଦର୍ଯ୍ୟର ମଜା ଉଠାଇବାକୁ ପର୍ଯ୍ୟଟକଙ୍କ ଗହଳି ଲାଗିଲାଣି । ସରକାରୀ ରେକର୍ଡ କହୁଛି ଗତବର୍ଷ ଚିଲିକାକୁ ୧୮୪ ପ୍ରଜାତିର ପ୍ରାୟ ୧୧ ଲକ୍ଷ ୩୬ ହଜାର ୭୫୯ଟି ବିଦେଶୀ ଅତିଥୀଙ୍କ ଆଗମନ ହୋଇଥିଲା । ଏବର୍ଷ ମଧ୍ୟ ଶୀତ ଯେତିକି ବଢିବ ପକ୍ଷୀଙ୍କ ସମାଗମ ଅଧିକ ହେବା ନେଇ ଆଶା କରାଯାଇଛି । ସେହିପରି ଏମିତି ବି ବିଦେଶୀ ପକ୍ଷୀ ନୂଆପଡ଼ା ଜିଲ୍ଲାକୁ ଆସୁଛନ୍ତି । ସେ ଗାଁରେ ପହଞ୍ଚିବା କ୍ଷଣି ବର୍ଷା ଆରମ୍ଭ ହୁଏ ଏବଂ ପକ୍ଷୀ ଛୁଆଦେଇ ନିଜ ଦେଶକୁ ଫେରିଯିବା ପରେ ବର୍ଷା ବି ଛାଡ଼ିଯାଏ। ଏହି ପକ୍ଷୀମାନଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ବେଶ୍ ଧ୍ୟାନ ଦେଇଥାନ୍ତି ନୂଆପଡା ଗାଁ ଲୋକେ। ପକ୍ଷୀ ଏବଂ ଗାଁ ଲୋକଙ୍କ ମଧ୍ୟରେ ବେଶ୍ କିଛି ସମ୍ପର୍କ ବଢ଼ିଯାଇଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୋନବର୍ଷା ଗାଁକୁ ଗଲେ ଏଭଳି ଦୁର୍ଲ୍ଲଭ ଦୃଶ୍ୟ ଦେଖିବାକୁ ମିଳିଥାଏ। ବିଦେଶୀ ପକ୍ଷୀଙ୍କ କିଚିରି ମିଚିରି ଶବ୍ଦରେ ଗାଁ ମୁଖରିତ ହୋଇଥାଏ। ଗାଁର ଚାରିଆଡେ ଥିବା ତେନ୍ତୁଳି ଗଛରେ ବସା ବାନ୍ଧି ଖୁସିରେ ରହିଥାନ୍ତି ଏସିଆନ ଓପନ ବିଲ୍ ଷ୍ଟୋର୍କ ନାମକ ବିଦେଶୀ ପକ୍ଷୀ। ନୂଆପଡ଼ା ଜିଲ୍ଲାର ସିନାପାଲି ରେଞ୍ଜ ସୋନବର୍ଷା ଗାଁରେ ଅନେକ ବର୍ଷ ହେବ ଏହି ବିଦେଶୀ ପକ୍ଷୀ ନିର୍ଭୟରେ ରହି ଆସୁଛନ୍ତି ବୋଲି ଗାଁର ଗୋସିଙ୍ଗ ରାଉତ, ପୁଣ୍ଡରି ରାଉତ, କୌଶଲ୍ୟା ରାଉତ, କୁମର ରାଉତ କୁହନ୍ତି। ନୂଆପଡ଼ା ଜିଲ୍ଲାର ସିନାପାଲି ରେଞ୍ଜର ଏକ ଛୋଟ ଗାଁ ସୋନବର୍ଷା। ଗାଁକୁ ପରିଚୟ ଦେଇଛି ଏହି ବିଦେଶୀ ପକ୍ଷୀ। ତେଣୁ ଗାଁ ଲୋକେ ପକ୍ଷୀଙ୍କ ସୁରକ୍ଷା କରୁଛନ୍ତି। ଲୋକଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି ଥିବାରୁ ଗାଁକୁ କୌଣସି ପକ୍ଷୀ ଶିକାରୀ ଆସିପାରନ୍ତି ନାହିଁ। ଗାଁ ଲୋକ ବନ ସୁରକ୍ଷା କମିଟି ଗଠନ କରିଛନ୍ତି। ଜଙ୍ଗଲ ସୁରକ୍ଷା ସହ ଏହି ପକ୍ଷୀଙ୍କୁ ମଧ୍ୟ ସୁରକ୍ଷା ଦେବାକୁ ସଂକଳ୍ପ ନେଇଛନ୍ତି। ଯଦି କିଏ ବି ପକ୍ଷୀ ଶିକାର କଲେ ୧୦୦୦ ଟଙ୍କା ଜରିମାନା କରାଯାଇଥାଏ। ବିଭିନ୍ନ ସମୟରେ ବନ ବିଭାଗ କର୍ମଚାରୀମାନେ ସୁରକ୍ଷା କଥା ବୁଝୁଛନ୍ତି। ଗାଁକୁ ଆସି ଲୋକଙ୍କ ସହ ବୈଠକ ବି କରୁଛନ୍ତି। କେବଳ ଗାଁରେ ଏସିଆନ ଓପନ ବିଲ ଷ୍ଟୋର୍କ ଆସନ୍ତି ନାହିଁ, ବିଗ୍ ଏଗରେଟ୍, ଇଣ୍ଡିଆନ ଶାଗ ପ୍ରଜାତିର ବିଦେଶୀ ପକ୍ଷୀ ମଧ୍ୟ ଆସନ୍ତି। ଗାଁ ଲୋକଙ୍କ ଏହି ଉଦ୍ୟମକୁ ଖଡ଼ିଆଳ ବନ ଖଣ୍ଡ ଅଧିକାରୀ ଡିଏଫଓ ଅଜିଜ ଖାଁ ମଧ୍ୟ ପ୍ରଶଂସା କରିଛନ୍ତି। ଗାଁ ଲୋକଙ୍କୁ ପୁରସ୍କୃତ କରିବାର ମଧ୍ୟ ବ୍ୟବସ୍ଥା କରାଯାଉଥିବା କହିଛନ୍ତି। ଏହି ଅଞ୍ଚଳରୁ ଲୋକେ ଦାଦନ ଖଟିବାକୁ ଯାଉଥିବାରୁ ଏଠାରେ ପକ୍ଷୀ ବିହାର ଭଳି ପର୍ଯ୍ୟଟନର ବିକାଶ କରି ଲୋକଙ୍କୁ ରୋଜଗାର ଦେବାର ବ୍ୟବସ୍ଥା କରାଯିବ ବୋଲି ଡିଏଫଓ ଶ୍ରୀ ଖାଁ କହିଛନ୍ତି।